ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ୧୬ ସେପ୍ଟେମ୍ବର,୨୦୨୧



## ସଂକ୍ଷେପରେ

### ଏନ୍ଏସିରେ ଡିଜିଟାଲ ଡୋର ନମ୍ବରିଂ ବ୍ୟବସ୍ଥା

#### ପ୍ରତ୍ୟେକ ଘରକୁ ମିଳିବ ୟୁନିକ ନମ୍ବର

ଛତ୍ରପୁର,୧୫।୯(ଡି.ଏନ୍.ଏ.): ଛତ୍ରପୁର ସହରାଞ୍ଚଳରେ ଡିଜିଟାଲ ଡୋର ନମ୍ବରିଂ ସର୍ଭେ ଆରମ୍ଭ ହେବାକୁ ଯାଉଛି। ଏନ୍ଏସିର ପ୍ରତ୍ୟେକ ଘରକୁ ନମ୍ବରିଂ କରାଯିବା ସହ ଏକ ୟୁନିକ ନମ୍ବର ଦିଆଯିବ। ୨ରୁ ୩ ଦିନ ମଧ୍ୟରେ ଏକ ଘରୋଇ କମ୍ପାନୀ ଏହି ସର୍ଭେ କାମ ଆରମ୍ଭ କରିବ ବୋଲି ସୂଚନା ମିଳିଛି। ଏନେଇ ଛତ୍ରପୁର ଏନଏସି କାର୍ଯ୍ୟାଳୟ ପରିସରରେ ତହସିଲଦାର ନୀଳ ମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଘରକୁ ୟୁନିକ ନମ୍ବର ଦିଆଯିବା ଫଳରେ ଘରର ଠିକଣା ଜାଣିବା ସହଜ ହୋଇପାରିବ। ଏଥିସହ ଏନ୍ଏସି ବାସିନ୍ଦା ଅନଲାଇନ ମାଧ୍ୟମରେ ଅଭିଯୋଗ କଲେ ଘରର ନମ୍ବର ଦ୍ୱାରା ସେଠାର ସମସ୍ୟାକୁ ସମାଧାନ କରିବାରେ ସହାୟକ ହୋଇପାରିବ। ବୈଠକରେ ଛତ୍ରପୁର ଏନଏସିର ଏସ. ଦାଲେୟା ରେଡ୍ଡି, ଜି.ଜଗଦୀଶ, ଯୁଗଳ କିଶୋର ଦାଶ, ସିଏମଏମ ଶ୍ରୀମନ୍ତ କୁମାର ପାତ୍ରଙ୍କ ସମେତବହୁ କର୍ମଚାରୀ ଉପସ୍ଥିତ ଥିଲେ ।

### ପୃଥକ୍ ସଡ଼କ ଦୁର୍ଘଟଣା: ଜଣେ ମୃତ, ୩ ଆହତ

ଫୁଲବାଣୀ ଅଫିସ, ୧୫।୯:କନ୍ଧମାଳ ଜିଲା ସଦର ଥାନା ଅଞ୍ଚଳରେ ବୁଧବାର ପୃଥକ ଦୁଇଟି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ଜଣକ ଅନୁଗୋଳ ଜିଲାର ସୋନତ ନାୟକ ବୋଲି ଜଣାପଡ଼ିଛି। ଅନୁଗୋଳରୁ ସୋନତ ବାଇକ୍ ଯୋଗେ ଫୁଲବାଣୀ ଆସୁଥିବା ବେଳେ ସକାଳେ ସୁଡ୍ରୁକୁମ୍ପା ଫାଣ୍ଡି ଅଧିନ ବାଡିଦୃତା ଗ୍ରାମ ନିକଟରେ ଏକ କଲର୍ଭଟରେ ଧକ୍କା ହୋଇଥଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହକୁ ଜବତ ତଦନ୍ତ ଚଳାଇଛି। ସେହିପରି ଫୁଲବାଣୀ ବ୍ଲକ ଗୁମାଗଡ ପଞ୍ଚାୟତ ମଶାଣିପଦର ନିକଟରେ ଏକ କାର ଭାରସାମ୍ୟ ହରାଇ ରାସ୍ତାର ୧୦ ଫୁଟ ତଳକୁ ଓଲଟି ପଡିଥିଲା। ଗ୍ରାମବାସୀ ସେଠାରେ ପହଞ୍ଚି କାରରେ ଥିବା ୩ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଛି।

### ଭୀଷ୍ମଗିରି ଅଞ୍ଚଳରେ ବିଲୁଆ ଉପଦ୍ରବ

ଦିଗପହଣ୍ଡି,୧୫।୯(ଡି.ଏନ.ଏ.):ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଅଞ୍ଚଳରେ ବିଲୁଆମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଗତ ଏକ ସପ୍ତାହ ମଧ୍ୟରେ ୧୧ ଜଣ ବିଲୁଆ କାମୁଡାରେ ଆହତ ହୋଇଛନ୍ତି। ବୁଧବାର ଏସ୍.ଟିକରପଡା ପଞ୍ଚାୟତ ଅନ୍ତର୍ଗତ ଫାସିବନ୍ଧ ଗ୍ରାମର ମନାସ ପ୍ରଧାନ ମହିଳା ବିଲୁଆ କାମୁଡାରେ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ମନାସଙ୍କୁ ଉଦ୍ଧାରକରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହିପରି ଗ୍ରାମର ବିନାୟକ ଗୌଡ ଗତ ୧୫ ଦିନ ତଳେ ବିଲକୁ କାମ କରିବାକୁ ଯାଉଥିବା ବେଳେ ବିଲୁଆ ହାବୁଡ଼ରେ ପଡି ଗୁରୁତର ହୋଇଥିଲେ। ଚଳିତ ମାସ ୨ ତାରିଖରେ ତାଙ୍କ ଗ୍ରାମ ନିକଟସ୍ଥ ଜୁଆଣପଲ୍ଲୀ ଗ୍ରାମର ଦୁଇଜଣ ଚାଷୀ ଜମିକୁ କାମ କରିବାକୁ ଯାଉଥିବା ବେଳେ ବିଲୁଆ ଆକ୍ରମଣର ଶିକାର ହୋଇଥିଲେ। କିନ୍ତୁ ବିଲୁଆ କାମୁଡାରେ ଶିକାର ହେଉଥିବା ଲୋକମାନଙ୍କୁ ଚିକିତ୍ସା ପାଇଁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବ୍ଲକରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଇଞ୍ଜେକ୍ସନ୍ ମିଳୁନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ବିଲୁଆ ଦୌରାତ୍ମ୍ୟର ପ୍ରତିକାର ପାଇଁ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ଦାବି ହେଉଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ବୃଦ୍ଧ ମୃତ ଘଟଣା
## ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ

ରାୟଗଡ଼(ଗଜପତି), ୧୫।୯(ଡି.ଏନ୍.ଏ.)-ରାୟଗଡ଼ ଥାନା ଅଧିନ ମାଲବା ପଞ୍ଚାୟତ ଅନ୍ତର୍ଗତ ପେକଟ ଗ୍ରାମରେ ସୋମବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସିମନ୍ ଶବରଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ମୃତକଙ୍କ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ ରେଡ୍କ୍ରସ୍ ରିଲିଫ୍ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଉପଜିଲାପାଳ ଦିଲୀପ କୁମାର ମହାରଣା ପେକଟ ଗ୍ରାମକୁ ଯାଇ ସିମନ୍ ଶବରଙ୍କ ସ୍ତ୍ରୀ ଗୟି ଶବରଙ୍କୁ ଚେକ୍ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଗତ ତିନିଦିନ ଧରି ବର୍ଷା ଲାଗି ରହିଥିବା ବେଳେ ସିମନ ତାଙ୍କ ଗାଈ ପାଇଁ ଘାଟ କାଟିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସିମନଙ୍କ ପରିବାରଙ୍କୁ କ୍ଷତିପୂରଣ ବାବଦକୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ବୁଧବାର ଜିଲା ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏଥିସହିତ ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ ଦୁଇ ହଜାର ଟଙ୍କା ପ୍ରଦାନ କରିବା ପାଇଁ ମାଲବା ପିଇଓଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ‘ଓଡ଼ିଶାରେ ବିଜେଡିର ବିକଳ୍ପ ନାହିଁ’

**ଭଞ୍ଜନଗର,୧୫।୯(ଡି.ଏନ.ଏ)**

ଭଞ୍ଜନଗର ଜଳସମ୍ପଦ ବିଭାଗ ଡାକବଙ୍ଗଳା ନିକଟ ଆମ୍ବ ତୋଟାରେ ବୁଧବାର ଗଞ୍ଜାମ ଜିଲା ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ପଞ୍ଚାୟତ ନିର୍ବାଚନ ପରେ ପୌର ନିର୍ବାଚନ ହେବ। ଏହା ପୂର୍ବରୁ ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନକୁ ଆହୁରି ମଜବୁତ କରିବାକୁ ହେବ ବୋଲି ସେ କହିଥିଲେ। କେନ୍ଦ୍ର ସରକାର ମିଛ କହି ତୈଳଦର ବୃଦ୍ଧି କରି ଗରିବଙ୍କୁ ଠକି ଚାଲିଛନ୍ତି ବୋଲି ମିଶ୍ର ଅଭିଯୋଗ କରିଥିଲେ। ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅତିଥି ଭାବେ ଯୋଗଦେଇ ଦେଶର ସବୁ ଆଞ୍ଚଳିକ ଦଳ ମଧ୍ୟରେ ବିଜେଡି ଶ୍ରେଷ୍ଠ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ବିଜେଡି ୫ମ ଥର କ୍ଷମତାରେ ଅଛି। ଆଗାମୀ ସାଧାରଣ ନିର୍ବାଚନରେ ମଧ୍ୟ କ୍ଷମତାକୁ ଆସିବ। ଓଡ଼ିଶାରେ ବିଜେଡିର ବିକଳ୍ପ କୌଣସି ଦଳ ନାହିଁ ବୋଲି ଆରୁଖ କହିଥିଲେ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନେ ଯେଭଳି ବିପୁଳ ଭୋଟରେ ବିଜୟୀ ହେବେ ସେ ନେଇ କାମ କରିବାକୁ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ ।

ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଅନ୍ୟତମ ପର୍ଯ୍ୟବେକ୍ଷକ ଭାବେ



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ବୋଧନ ଦେଉଛନ୍ତି ।

**ଗଞ୍ଜାମ ଜିଲା ବିଜେଡି କାର୍ଯ୍ୟକାରିଣୀ ବୈଠକ**
- ପଞ୍ଚାୟତ ପରେ ପୌର ନିର୍ବାଚନ ହେବ
- ୬ ରାଜନୈତିକ ଚିଠା ପ୍ରସ୍ତାବ ଗୃହୀତ

ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ କହିଥିଲେ। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ କେନ୍ଦ୍ରର ମୋଦି ସରକାର ମିଛୁଆ ସରକାର ବୋଲି କହିଥିଲେ। ମୋଦି ଶବ୍ଦକୁ ତାସଲ୍ୟ କରି ମୋ-ମୋତେ, ଦି- ଦିଅ ବୋଲି କହିଥିଲେ। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ର ସୁବିଧା ସମ୍ପର୍କରେ କହିଥିଲେ। ସାନଖେମୁଣ୍ଡି ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିବା ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ଗଞ୍ଜାମ ଦେଶରେ ଏକ ମଡ଼େଲ ଜିଲା, ଏଠାରେ ଅନେକ ନୂଆ ଯୋଜନା କାର୍ଯ୍ୟକାରୀ ହୋଇଛି ବୋଲି କହିଥିଲେ। କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ୍ ସାମନ୍ତ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନରେ ବ୍ୟାପକ ପରିବର୍ତ୍ତନ ଆସିପାରିଛି ବୋଲି କହିଥିଲେ। ଜିଲା ବିଜେଡି ସଭାପତି ଡ.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକରେ ୬ଟି ରାଜନୈତିକ ଚିଠା ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଜିଲାରେ ଏକ କୃଷି ମହାବିଦ୍ୟାଳୟ ସ୍ଥାପନ, ଗୋପାଳପୁର ଭାୟା ଭଞ୍ଜନଗର ଦେଇ ରେଢ଼ାଖୋଲ ପର୍ଯ୍ୟନ୍ତ ଏବଂ ବ୍ରହ୍ମପୁର ଠାରୁ ରାୟଗଡ଼ା ପର୍ଯ୍ୟନ୍ତ ରେଳପଥ ନିର୍ମାଣ, ଶୀତଳାପଲ୍ଲୀରେ ପ୍ରସ୍ତାବିତ ରେଳ ୱାଗନ୍ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରିବା, ବ୍ରହ୍ମପୁରରେ ଏକ ରେଳ କୋଚ୍ ଡିପୋ ନିର୍ମାଣ, ଜିଲାର ସମୁଦ୍ର ଉପକୂଳରେ ମାଛଧରା ବନ୍ଦର ନିର୍ମାଣ, ବ୍ରହ୍ମପୁର ନିକଟରେ ବିମାନ ବନ୍ଦର ନିର୍ମାଣ ପାଇଁ ପ୍ରସ୍ତାବ ଆଗତ ପରେ ତାହା ଗୃହୀତ ହୋଇଥିଲା । ଏଥିସହ ଦଳୀୟ ସଙ୍ଗଠନ କିଭଳି ବୃଦ୍ଧି ପାଇବ ସେନେଇ ୪ଟି ପ୍ରସ୍ତାବ ଆଗତ କରାଯାଇ ଗୃହୀତ ହୋଇଥିଲା। ବୈଠକରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଜିଲା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳେଇ, ଯୁବ ବିଜେଡ଼ି ସଭାପତି ଭବାନୀକାନ୍ତ ସାହୁ, ବ୍ରହ୍ମପୁର ଯୁବ ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ଜିଲା ପରିଷଦ ଅଧ୍ୟକ୍ଷା ସୋନମ୍ ପଲ୍ଲାଇ, ଛାତ୍ର ବିଜେଡ଼ି ବ୍ରହ୍ମପୁର ସଭାପତି ଶୋଭନ କୁମାର ନାୟକ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ଼.ଗୋପବନ୍ଧୁ ଦାସ ସଭାରେ ଉପସ୍ଥିତ ଥିଲେ ମଧ୍ୟ କୌଣସି ବକ୍ତବ୍ୟ ରଖି ନ ଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ହିଞ୍ଜିଳିକାଟୁ ପ୍ରତିନିଧି ଡ଼ି.ବିଶ୍ୱନାଥ ଧନ୍ୟବାଦ ଦେଇଥିଲେ। ଭଞ୍ଜନଗର ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରଧାନ, ଏମ୍‌ପି ପ୍ରତିନିଧି ବିପ୍ର ଚରଣ ବାରିକ, ଦିବାକର ନାୟକ, ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଷୋୟୀ, ନଗର ଯୁବ ବିଜେଡ଼ି ସଭାପତି ସୁଧୀର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଗୋଷ୍ଠୀ ସଂଘର୍ଷ ଘଟଣା, ୫ ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୧୫।୯(ଡି.ଏନ.ଏ.)**

ଦିଗପହଣ୍ଡି ପୋଡାମାରୀ ରାସ୍ତାର ସାଉଥ୍‌କୋ ଡିଭିଜନ୍ କାର୍ଯ୍ୟାଳୟ ନିକଟରେ ଗତ ୧୧ ରାତ୍ରିରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ବୁଧବାର ପୋଲିସ୍ ୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଦିଗପହଣ୍ଡି ଉପକାରାଗାରକୁ ପଠାଯାଇଛି। ସେମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ ଡେଙ୍ଗାଓସ୍ତା ଗ୍ରାମର ଗଣେଷ ଦୋରା, ସୁଶାନ୍ତ କୁମାର ସାହୁ, ଏସ୍.ମିଲନ ଦୋରା, ଆର୍.ସୁଶାନ୍ତ ଦୋରା ଓ କୁରେଶୁ ସେଠୀ। ଅଭିଯୁକ୍ତଙ୍କଠାରୁ ୫ ବାଇକ୍,ଏକ ପିସ୍ତଲ, ଦୁଇ ଗୁଳି, ରକ୍ତ ଭିଜା ରୁପା ଚେଇନ୍ ଓ ଗୋଟିଏ ଛୁରି ଜବତ ହୋଇଛି। ଏ ନେଇ ନଂ.୧୩୨/୨୧ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଘଟଣା ଦିନ ଦିଗପହଣ୍ଡି ଗୋଷ୍ଠୀର ସୁଶାନ୍ତ ଦାସ, କିଶାନ ବେହେରା ଓ କେ.କ୍ଷୀରୋଦ ରେଡ୍ଡୀଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ୩ ଯୁବକ ଗୁରୁତର ଆହତ ହୋଇଥିଲେ। ସୂଚନା ପ୍ରକାରେ, ଘଟଣା ଦିନ ବିଳମ୍ବିତ ରାତ୍ରିରେ ଏହି ଦୁଇ ଗୋଷ୍ଠୀ ସମେତ ପ୍ରାୟ ୧୫ ଜଣ ଅସମାଜିକ ଯୁବକ ସାଉଥ୍‌କୋ ଡିଭିଜନ୍ କାର୍ଯ୍ୟାଳୟ ନିକଟରେ ଚାଙ୍ଗୁଡି ଦେଇ ପାହାଡ ଉହାଡାରେ ପ୍ରାୟ ୧୫ ଜଣ ଯୁବକ ମେଳି ବାନ୍ଧି ଭୋଜିର ଆୟୋଜନ କରିଥିଲେ। କୌଣସି କାରଣକୁ ନେଇ ଏମାନଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏ ନେଇ ଦିଗପହଣ୍ଡି ଗୋଷ୍ଠୀର ଏତଲାକୁ ଆଧାର କରି ପୋଲିସ୍ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ସ୍ମାର୍ଟ ସ୍କୁଲ କାର୍ଯ୍ୟ ଅନୁଧ୍ୟାନ କଲେ ଜିଲାପାଳ

**ଧରାକୋଟ,୧୫।୯(ଡି.ଏନ୍.ଏ.)**


ଜିଲାପାଳ ସ୍ମାର୍ଟ ସ୍କୁଲ କାର୍ଯକ୍ୟ ଅନୁଧ୍ୟାନ କରୁଛନ୍ତି ।

ଜିଲାପାଳ ଧରାକୋଟ ଆଦର୍ଶ ବିଦ୍ୟାଳୟ ସମେତ ଜାହାଡା , ଡଉଗାଁ, ମୁଣ୍ଡମରାଇ ଓ ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ସମସ୍ତ ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏବିଇଓ ପ୍ରଦୀପ କୁମାର ହୋତା ସ୍କୁଲଗୁଡ଼ିକର ଭିତ୍ତିଭୂମି ଉପରେ ତଥ୍ୟ ରଖିଥିଲେ। ଜିଲାପାଳ ନେଳିଆ ପୋଖରୀର ସୈନ୍ଦର୍ଯ୍ୟକରଣ କାର୍ଯ୍ୟ ଦେଖି ଖୁସି ବ୍ୟକ୍ତ କରିଥିବା ବେଳେ ରାସ୍ତା କଡ଼ରେ ପଡିରହିଥିବା ଆବର୍ଜନା ଉଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### କାଛ ପଡ଼ି ମୃତ ଶିଶୁକନ୍ୟାର ପରିବାରକୁ ଭେଟିଲେ

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ବ୍ଲକ ଗସ୍ତରେ ଯାଇ ସ୍ମାର୍ଟସ୍କୁଲ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ବ୍ଲକ ଅନ୍ତର୍ଗତ ରୁଗୁମୁ ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ମଙ୍ଗଳବାର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଟୁକୁନା ନାଇକଙ୍କ ୪ ବର୍ଷୀୟା ଝିଅ ଲିପିଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ସକାଳେ ପ୍ରଥମେ ଜିଲାପାଳ କୁଲାଙ୍ଗେ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜି, ଧରାକୋଟ ବିଡିଓ ଓ ତହସିଲଦାର ଘଟଣାସ୍ଥଳକୁ ଯାଇ ମୃତକଙ୍କ ପରିବାରକୁ ଭେଟିଥିଲେ। ଜିଲାପାଳ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହାପୂର୍ବରୁ ମଙ୍ଗଳବାର ଧରାକୋଟ ତହସିଲଦାର ଲିପିଙ୍କ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ଦୁଇ ହଜାର ଟଙ୍କା ଦେଇଥିଲେ। ରାମଚନ୍ଦ୍ରପୁରରୁ

# ୫୦୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଅଟକ

**ବେଗୁନିଆପଡ଼ା,୧୫।୯(ଡି.ଏନ୍.ଏ.)**

କୋଦଳା ଥାନା ଅନ୍ତର୍ଗତ ବାଦର୍ଖପଲି ଗ୍ରାମର ଏକ ଘରୁ ୫୦୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ବୁଧବାର ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ଉକ୍ତ ଗ୍ରାମରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। କୋଦଳା ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ ହୋଇଛି। କୋଦଳା ଆଇଆଇସି ଦେବାଶିଷ ମହାନ୍ତି,ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଚାରି ମାସ ଭିତରେ କୋଦଳା ପୋଲିସ ପ୍ରଥମେ କଞ୍ଚଣା ନିକଟରୁ ୯୦୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିବା ବେଳେ ଭାଟପୋଡ଼ା ନିକଟରୁ ୩୪୦ କେଜି, କଞ୍ଚଣା ନିକଟରୁ ୧୦୦ କେଜି, ବେଟେରାପୋଲି ନିକଟରୁ ୧୦୦୦ କେଜି, ଜବତ କରିବାରେ ସଫଳ ହୋଇଛି। ଏହି ଅଞ୍ଚଳରେ ବିଭିନ୍ନ ଉପାୟରେ କୋଲକାତା, ଝାଡ଼ଖଣ୍ଡ, ସୁରଟ, ମୁମ୍ବାଇକୁ ଗଞ୍ଜେଇ ଚୋରା ଚାଲାଣ କରାଯାଉଛି।

## ବନ ବିଭାଗର ଚଢ଼ାଉ, କାଠ ଜବତ

**ଚିକିଟି,୧୫।୯(ଡି.ଏନ.ଏ.)**

ବ୍ରହ୍ମପୁର ଏସିଏଫ୍ ଅଶୋକ କୁମାର ବେହେରାଙ୍କ ନେତୃତ୍ୱରେ ବନବିଭାଗର ଏକ ଟିମ୍ ବୁଧବାର ଚିକିଟି ବ୍ଲକ ଅନ୍ତର୍ଗତ ପିତାତଳି ଗ୍ରାମର ଏକ ପରିତ୍ୟକ୍ତ ଘରୁ ୪୦ ଘନଫୁଟ୍ ବିଭିନ୍ନ କିସମର କାଠ ଜବତ କରିଛି। ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁରଙ୍କ ଉପସ୍ଥିତିରେ ଉକ୍ତ କାଠଗୁଡିକୁ ଜବତ କରାଯାଇଛି। ଦିଗପହଣ୍ଡି ରେଞ୍ଜର କାହ୍ନୁଚରଣ ପଟ୍ଟନାୟକ, ସାମନ୍ତିଆପଲ୍ଲୀ ରେଞ୍ଜର ରଜତ କୁମାର ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ । ଦୀର୍ଘ ଏକ ବର୍ଷ ମଧ୍ୟରେ ଚିକିଟି ଇଲାକାରେ ବିପୁଳ ପରିମାଣର କାଠ ଜବତ କରାଯାଇଥିଲେ ମଧ୍ୟ କାହାକୁ ବର୍ତ୍ତମାନ ସୁଦ୍ଧା ଗିରଫ କରାଯାଇ ନ ଥିବାରୁ ଚୋରାଚାଲାଣ ବୃଦ୍ଧି ପାଉଛି।

## ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ଜି.ଉଦୟଗିରି,୧୫।୯(ଡି.ଏନ.ଏ.)**

ଜି.ଉଦୟଗିରି ନିକଟସ୍ଥ କଟିଙ୍ଗିଆ ପଞ୍ଚାୟତରେ ବୁଧବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅବନେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ ମେମ୍ବର, ଅଙ୍ଗନୱାଡି କର୍ମୀ, ଗାଁ ସାଥୀମାନଙ୍କ ସହିତ ସାଧାରଣ ଜନତା ଯୋଗ ଦେଇଥିଲେ। ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସଚେତନତା କରାଯିବା ସହିତ କରୋନା କାଳରେ ସତର୍କ ରହିବା ପାଇଁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବଳଦେବ ପ୍ରଧାନ, ସାବିତ୍ରୀ ପ୍ରଧାନ, ସଂଯୁକ୍ତା ନାୟକ, ସୁରେଶ ପ୍ରଧାନ, ନୀଳାବତୀ ପ୍ରଧାନ, ଗୋପାଳ ନାୟକ, ଦେବେନ୍ଦ୍ର ପ୍ରଧାନ, ଆକବର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଅଧ୍ୟାପକ, କର୍ମଚାରୀଙ୍କ ପକ୍ଷରୁ ୨ ବିଧାୟକଙ୍କୁ ଦାବି ପତ୍ର


ଦାବିପତ୍ର ପ୍ରଦାନ କରାଯାଉଛି ।

**ରାଇକିଆ,୧୫।୯(ଡି ଏନ ଏ)**

କନ୍ଧମାଳ ଜିଲା ଅନୁଦାନ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ସ୍ତରୀୟ ଅଧ୍ୟାପକ ଓ କର୍ମଚାରୀ ସଂଘ ତରଫରୁ ବୁଧବାର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଓ ବାଲିଗୁଡ଼ା ବିଧାୟକ ଚକ୍ରଧର କହଁରଙ୍କୁ ବିଭିନ୍ନ ଦାବି ସମ୍ବଳିତ ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରଯାଇଛି। ରାଜ୍ୟରେ ତିନିଶହରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଁ ବହୁତ କମ୍ ପାରିଶ୍ରମିକରେ କାମ କରି ଆସୁଛନ୍ତି । ଗଣ ଶିକ୍ଷା ବିଭାଗ କିମ୍ବା ଉଚ୍ଚଶିକ୍ଷା ବିଭାଗ ଏଥିପ୍ରତି କର୍ଣ୍ଣପାତ କରୁନାହିଁ । ସରକାରୀ କର୍ମଚାରୀ ଭଳି କାମ କରିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିୟମିତ ହୋଇପାରୁନାହିଁ। କରୋନା ମହାମାରୀ ସମୟରେ ବିଭିନ୍ନ ସଙ୍ଗଠିତ ଓ ଅଣ ସଙ୍ଗଠିତ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରାଯାଇଥିବା ବେଳେ ତାଙ୍କ କ୍ଷେତ୍ରରେ ତାହା କରାଯାଇନଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ସଂଘ ସଭାପତି ଅଧ୍ୟାପକ ଶଙ୍କର ପାଢ଼ୀ, ଉପସଭାପତି ବିରଞ୍ଚି ନାରାୟଣ ସାହୁ, ସମ୍ପାଦକ ଶିବ ରାମ ବେହେରା, ସଂଯୋଜିକା ଗୀତାଞ୍ଜଳି ଗନ୍ତାୟତ, ସଂଘମିତ୍ରା ଦାସ ପ୍ରମୁଖ ଦୁଇ ବିଧାୟକଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ।

## ମୃତ କରୋନା ଯୋଦ୍ଧାଙ୍କ ପରିବାରକୁ ସହାୟତା

**ଫୁଲବାଣୀ ଅଫିସ, ୧୫।୯**

କରୋନାରେ ମୃତ୍ୟୁ ଘଟିଥିବା କନ୍ଧମାଳ ଜିଲାର ଖବରଦାତା ଆଶୁତୋଷ ବେହୋରାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ମଙ୍ଗଳବାର ଜିଲାପାଳ ଡା. ବୃନ୍ଦା ଡି. ଆଶୁତୋଷଙ୍କ ସ୍ତ୍ରୀ କମଳିନୀ ନାୟକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୫ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରଶାସନ ପକ୍ଷରୁ ଜିଲା ଅପାତକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଳା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ



ସଂଘର କର୍ମକର୍ତ୍ତା ।

**ଫୁଲବାଣୀ ଅଫିସ, ୧୫।୯**

ଫୁଲବାଣୀ ପ୍ରେସ୍ କ୍ଲବରେ ବୁଧବାର କନ୍ଧମାଳ ଜିଲା କଂଗ୍ରେସର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ତୁମୁଡିବନ୍ଧ ବ୍ଲକରେ ମୃତ ବ୍ୟକ୍ତିଙ୍କ ନାଁରେ ଭଉଉଠାଣ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକଶ ପାଇଥିଲା। ଏଥିରେ କଂଗ୍ରେସର କିଛି ଭୂମିକା ନାହିଁ । କଂଗ୍ରେସର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗସ୍ତ କରି ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଖବର ସମ୍ପୂର୍ଣ୍ଣ ମିଥ୍ୟା। ଏହାକୁ ବରଦାସ୍ତ କରାଯିବନାହିଁ ବୋଲି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଅନାମ କୁମାର ନାୟକ ପ୍ରକାଶ କରିଛନ୍ତି। ଭତ୍ତା ହଡପ ଘଟଣା ଉପରେ ଖବର ସଂଗ୍ରହ କରୁଛୁ । ଯଦି ସେଭଳି କିଛି ସତ୍ୟ ସାମ୍ନାକୁ ଆସେ ତାହାଲେ ଭିଜିଲାନ୍ସ ତଦନ୍ତ ଦାବି କରିବୁ ବୋଲି ସେ କହିଛନ୍ତି। କଂଗ୍ରେସ ଦଳ ପକ୍ଷରୁ କୌଣସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇନାହିଁ । ଜିଲା ସଭାପତିଙ୍କ ବ୍ୟତୀତ ଅନ୍ୟ କେହି ଟିମ୍ ଗଢ଼ି ପାରିବେ ନାହିଁ କି କାହାରି ସାମ୍ବିଧାନିକ ଅଧିକାର ଜିଲାରେ ନାହିଁ ବୋଲି ଅନାମ ସ୍ପଷ୍ଟ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢ଼ୀ, ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ଛାତ୍ର ବିଜେଡି ସଭାପତି ଅନୁପମ କହଁର, ନଗର ସଭାପତି ଶିବଶଙ୍କର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଭୋଟର ତାଲିକା ସଂଶୋଧନ ନେଇ ତାଲିମ

**ଶେରଗଡ,୧୫।୯(ଡି.ଏନ.ଏ.)**

ଶେରଗଡ଼ ବ୍ଲକ ସଭାଗୃହରେ ୧୧୦ ଜଣ ବୁଥ ଲେବଲ ଅଧିକାରୀଙ୍କୁ ନେଇ ଭୋଟର ତାଲିକା ସଂଶୋଧନ ଓ ଯୋଗ ତାଲିକା ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଗତି ସହାୟକ ଭୀମସେନ ବାରିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଡ.ଦୟାସିନ୍ଧୁ ପରିଡା, ବିଡିଓ ଶମ୍ଭୁନାଥ ନନ୍ଦି ଯୋଗ ଦେଇଥିଲେ। ଆସନ୍ତା ୨୦୨୨ରେ ନୂଆ ଭୋଟରମାନଙ୍କୁ ତାଲିକାରେ ସାମିଲ କରାଯିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଗରୁଡ଼ ଆପ ଜରିଆରେ ନାମ ଯୋଡ଼ିବାକୁ ଆଦେଶ ଦିଆଯାଇଛି। ଏହା କେବଳ ଲେବଲ ଅଧିକାରୀମାନେ କରିବେ। ଏଣୁ ୧୧୦ ବୁଥର ବୁଥ ଲେବଲ ଅଧିକାରୀଙ୍କ ନିକଟକୁ ଯାଇ ନୂଆଁ ଭୋଟରମାନେ ନିଜ ନାମ ଯୋଡ଼ି ପାରିବେ। ଏହି ବୁଥ ଲେବଲ ଅଧିକାରୀମାନଙ୍କ ଭିତରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଙ୍ଗନୱାଡି କର୍ମୀଙ୍କୁ ମଧ୍ୟ ସାମିଲ କରାଯାଇଛି।

# ୭ ଦିବଂଗତ ସାମ୍ବାଦିକଙ୍କ ପରିବାରକୁ ସହାୟତା



ସହାୟତା ଚେକ୍ ପ୍ରଦାନ କରାଯାଉଛି ।

**ଛତ୍ରପୁର,୧୫।୯(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀଙ୍କ ଅନୁଦାନକ୍ରମେ ଗଞ୍ଜାମ ଜିଲାର ୭ଜଣ ଦିବଂଗତ ସାମ୍ବାଦିକଙ୍କ ପରିବାରକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ୧୫ ଲକ୍ଷ ଲେଖାଏ ସହାୟତା ରାଶି ପ୍ରଦାନ କରିଛନ୍ତି। ଓଡିଶାର କାର୍ଯ୍ୟରତ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରଦତ୍ତ ଏକ କୋଟି ୫ ଲକ୍ଷ ଅନୁଦାନ ରାଶି ବୁଧବାର ପ୍ରଦାନ କରାଯାଇଥିବା ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଜଣାଇଛନ୍ତି। କରୋନାରେ ପ୍ରାଣ ହରାଇଥିବା କୁକୁଡାଖଣ୍ଡି ବ୍ଲକ ସାମ୍ବାଦିକ ଗୋବିନ୍ଦ ବେହେରାଙ୍କ ବାପା ଆଦିକନ୍ଦ ବେହେରା, ବ୍ରହ୍ମପୁର ଓଡିଶା ଫାଇଲ୍ସର ସଂପାଦକ ନରେଶ କୁମାର ବେହେରାଙ୍କ ସ୍ତ୍ରୀ ସୁମନ ଦାସଙ୍କୁ ୧୫ ଲକ୍ଷ ଲେଖାଏ ସହାୟତା ଦିଆଯାଇଛି। ସେହିପରି ବାଲିପଦର ବ୍ଲକ ସାମ୍ବାଦିକ ରତ୍ନାକର ମହାରଣାଙ୍କ ସ୍ତ୍ରୀ ନୟନି, ବ୍ରହ୍ମପୁରର ସମ୍ବାଦିକ ପ୍ରଦୀପ କିଶୋର ସାହୁଙ୍କ ସ୍ତ୍ରୀ ମାନସୀ, ପୋଲସରାର ସମ୍ବାଦିକ କିଶୋର ଚନ୍ଦ୍ର ଦାସଙ୍କ ସ୍ତ୍ରୀ ସୁଦେଷ୍ଣା, ଶେରଗଡର ସାମ୍ବାଦିକ କରୁଣାକର ସାହୁଙ୍କ ସ୍ତ୍ରୀ ସୁମନ, ହିଞ୍ଜିଳିକାଟୁର ସାମ୍ବାଦିକ ନିଳୟ ରଞ୍ଜନ ପଟ୍ଟନାୟକଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀଙ୍କୁ ୧୫ ଲକ୍ଷ ଲେଖାଏ ସହାୟତା ରାଶି ଦିଆଯାଇଛି । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ପରିଚାଳନାରେ ଏହି ରାଶି ପ୍ରଦାନ କରାଯାଇଥିଲା । ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମକର୍ତ୍ତା ଶ୍ୟାମଘନ ପାତ୍ର, ଏମ. ଶ୍ରାବନ୍ତୀ, ରାଜାକ ହୁସେନ, କିରଣ କୁମାର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ

**ବ୍ରହ୍ମପୁର ଅଫିସ,୧୫।୯:** ବୁଧବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ ପାଇଛି। ବାଣିଜ୍ୟରେ ପାସ୍ ହାର ସର୍ବାଧିକ ୯୯.୯୧% ରହିଥିବା ବେଳେ କଳାରେ ୯୯.୭୧ ଓ ବିଜ୍ଞାନରେ ୯୯.୮୧% ରହିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସୁରେନ୍ଦ୍ର ସେଠୀଙ୍କ ସୂଚନା ଅନୁଯାୟୀ, କଳାରେ ୧୪୬୭୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୬୩୦ ପାସ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୧୧୨୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୨୨ ଓ ବିଜ୍ଞାନରେ ୫୮୩୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୮୨୭ ପାସ ହୋଇଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷ ପାସ ହାର ଅଧିକ ରହିଛି।

### ବଡ଼ଭାଇଙ୍କୁ ଛୁରାମାଡ଼ କରି ସାନ ଗିରଫ

**ଦିଗପହଣ୍ଡି,୧୫।୯(ଡି.ଏନ.ଏ.):** ବଡ଼ଭାଇଙ୍କୁ ଆକ୍ରମଣ ଅଭିଯୋଗରେ ଦିଗପହଣ୍ଡି ବ୍ଲକ ବଡଡୁମ୍ବୁଲା ପଞ୍ଚାୟତ ସାନଡୁମ୍ବୁଲା ଗ୍ରାମର ଜେ.ସୁଦାମ ପାତ୍ରଙ୍କୁ ବୁଧବାର ପୋଲିସ କୋର୍ଟ ଚାଲାଣ କରିଛି। ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ମଙ୍ଗଳବାର ସୁଦାମଙ୍କ ଛୁରା ମାଡ଼ରେ ବଡ଼ ଭାଇ ବଳରାମ ପାତ୍ର ଗୁରୁତର ହୋଇଥିଲେ। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ବଳରାମଙ୍କ ଏତଲା କ୍ରମେ ଥାନା ଆଇଆଇସି ବସନ୍ତ କୁମାର ସେଠୀ ମାମଲା ନଂ.୨୩୫/୨୧ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ସମ୍ପତ୍ତି ଭାଗ ବଣ୍ଟନକୁ ନେଇ ବିଭିନ୍ନ ସମୟରେ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ଏପରିକି ଗ୍ରାମର ମୁଖିଆମାନଙ୍କ ଉପସ୍ଥିତିରେ ବିବାଦର ସମାଧାନ କରାଯାଇଥିଲେ ମଧ୍ୟ ସୁଦାମ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ। ମଙ୍ଗଳବାର ସେ ଛୁରିଆଣି ବଳରାମଙ୍କ ମୁଣ୍ଡ ଓ ପେଟକୁ ଭୂଷି ଦେଇଥିଲେ।

### ମାଗଣାରେ ୨୦୦ ୟୁନିଟ୍ ବିଦ୍ୟୁତ୍ ଯୋଗାଯାଉ

#### ସିପିଏମ୍ ରାଜ୍ୟ ସମ୍ପାଦକଙ୍କ ଦାବି

**ବ୍ରହ୍ମପୁର ଅଫିସ,୧୫।୯:** ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ହୋଇଥିବା ସରକାର କହୁଛନ୍ତି। ତଥାପି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବାରମ୍ବାର ବିଦ୍ୟୁତ୍ ଶୁଳ୍କ ବଢ଼ାଇବାରେ ଲାଗିଛନ୍ତି। ଦିଲ୍ଲୀ ଆପ୍ ସରକାର ମାସିକ ୨୦୦ ୟୁନିଟ ଏବଂ ତାମିଲନାଡୁ ସରକାର ମାସିକ ୧୦୦ ୟୁନିଟ ବିଦ୍ୟୁତ ମାଗଣାରେ ଯୋଗାଉଛନ୍ତି। ତେବେ ବିଜେଡି ସରକାରଙ୍କ ଘରୋଇକରଣ ପ୍ରୀତି ଯୋଗୁ ପରିବଣ୍ଟନ ଦାୟିତ୍ୱ ନେଇଥିବା ଟାଟା ପାୱାର ଗତ ୬ ମାସରେ ଟାରିଫ ବୃଦ୍ଧି କରି ଉପଭୋକ୍ତାଙ୍କୁ ଶୋଷଣ କରୁଥିବା ସିପିଏମ ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦିଲ୍ଲୀ ଭଳି ଓଡ଼ିଶାରେ ମଧ୍ୟ ମାସିକ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣାରେ ବିଜୁଳି ଯୋଗାଇବାକୁ ସରକାର ଘୋଷଣା କରିବା ପାଇଁ ସେ ଦାବି କରିଛନ୍ତି।

### ନାମୀ କମ୍ପାନୀ ଷ୍ଟିକର୍ ଲଗାଇ ଜିନ୍ସ ପ୍ୟାଣ୍ଟ୍ ବିକ୍ରି

#### ଥାନାରେ ମାମଲା, ୨ ବ୍ୟବସାୟୀ ଗିରଫ

**ବ୍ରହ୍ମପୁର ଅଫିସ,୧୫।୯:** ନାମୀ କମ୍ପାନୀ ଷ୍ଟିକର୍ ଲଗାଇ ଜିନ୍ସ ପ୍ୟାଣ୍ଟ୍ ବିକ୍ରି କରି ଗ୍ରାହକଙ୍କୁ ଠକୁଥିବା ଅଭିଯୋଗରେ ଟାଉନ୍ ଥାନା ପୋଲିସ ଦୁଇଜଣ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଏମ୍.ପ୍ରସାଦ ରାଓ ଏବଂ ଏମ୍.କ୍ରିଷ୍ଣା ରାଓ। ଉଭୟ ବ୍ୟବସାୟୀଙ୍କୁ ଜାମିନ୍ ଦିଆଯାଇଛି। ବ୍ରହ୍ମପୁର ସହରରେ ଥିବା କେତେକ ଡିଷ୍ଟ୍ରିବ୍ୟୁଟରଙ୍କ ସ୍ୱାର୍କି କମ୍ପାନୀର ଜିନ୍ସ ପ୍ୟାଣ୍ଟ୍ ବିକ୍ରି କମିଥିଲା। ହଠାତ୍ ବିକ୍ରି କମିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସନ୍ଦେହ ହୋଇଥିଲା। ଏଣୁ କମ୍ପାନୀ ଅଧିକାରୀ କିଶୋର ଚନ୍ଦ୍ର ଆହୁଜା ଦିଲ୍ଲୀରୁ ଆସି ଅନୁସନ୍ଧାନ ଆରମ୍ଭ କରିଥିଲେ। ଗିରି ମାର୍କେଟର ଜଣେ ବ୍ୟବସାୟୀଙ୍କଠାରୁ ସେ ସ୍ୱାର୍କିର ପ୍ୟାଣ୍ଟ୍ କିଣିଥିଲେ। ଯାଞ୍ଚ ପରେ ତାହା ଅନ୍ୟ କମ୍ପାନୀର ହୋଇଥିବା ବେଳେ ସେଥିରେ ସ୍ୱାର୍କି ଷ୍ଟିକର୍ ଲଗାଇ ବିକ୍ରି କରାଯାଉଥିବା ଜଣାପଡ଼ିଥିଲା। ଏଣୁ ସେ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୧୮୬/୨୧ରେ ମାମଲା ରୁଜୁ କରିଥିଲା। ପ୍ରସାଦଙ୍କ ଦୋକାନରେ ଚଢ଼ାଉ କରି ୮୦ଟି ଜିନ୍ସ ପ୍ୟାଣ୍ଟ୍ ଜବତ କରିଥିବା ବେଳେ କ୍ରିଷ୍ଣାଙ୍କ ଦୋକାନରୁ ୧୮୩ ପ୍ୟାଣ୍ଟ୍ ଜବତ କରିଥିଲା।

# ବକ୍ସିଂ ପ୍ରତିଯୋଗୀଙ୍କ ପାଇଁ ଭିତ୍ତିଭୂମି ଅଭାବ

## ବାଧକ ସାଜିଛି କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସ

**ବ୍ରହ୍ମପୁର ଅଫିସ,୧୫।୯**

ବ୍ରହ୍ମପୁର ସହରରେ ଅନ୍ୟ କ୍ରୀଡ଼ା ତୁଳନାରେ ବକ୍ସିଂ ପ୍ରତି କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଉତ୍ସାହ ରହିଛି। ପ୍ରତି ବର୍ଷ ସହରରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବକ୍ସିଂ ପ୍ରତିଯୋଗୀ ଇଣ୍ଟର ସ୍କୁଲରୁ ଆରମ୍ଭ କରି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଦକ୍ଷତା ପ୍ରଦର୍ଶନ କରୁଛନ୍ତି। କିନ୍ତୁ ବ୍ରହ୍ମପୁର ସହରରେ ବକ୍ସିଂ କ୍ଷେତ୍ରରେ ପ୍ରତିଯୋଗୀଙ୍କ ନିୟମିତ ଅଭ୍ୟାସ ନିମନ୍ତେ ବିଗତ ୨ ବର୍ଷ ହେବ ଭିତ୍ତିଭୂମିର ଅଭାବ ରହିଛି। ବ୍ରହ୍ମପୁର ସହରରେ ପ୍ରତିବର୍ଷ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥାନ୍ତି କେବଳ ବକ୍ସିଂ ଅଭ୍ୟାସ ନିମନ୍ତେ। ଏମାନଙ୍କ ମଧ୍ୟରେ ସ୍କୁଲ, କଲେଜ ସହ ବରିଷ୍ଠ ପ୍ରତିଯୋଗୀ ମଧ୍ୟ ଉଭୟ ମହିଳା ଓ ପୁରୁଷ ବର୍ଗର ଅଛନ୍ତି। ବକ୍ସିଂ ନିୟମିତ ଅଭ୍ୟାସ ନିମନ୍ତେ ଆବଶ୍ୟକ ଥିବା ଗ୍ଲୋବସ, ହେଡ୍‌ଗେର, ତିଥବେକ ଭଳି ସୁରକ୍ଷା ସାମଗ୍ରୀ,ପଞ୍ଚବେଗ ଆଦି ଆବଶ୍ୟକ କ୍ରୀଡ଼ା ଉପକରଣ ମଧ୍ୟ ଅଭାବ ଥିବା ନେଇ ବକ୍ସିଂ ପ୍ରତିଯୋଗୀମାନେ ଅଭିଯୋଗ କରିଛନ୍ତି। କ୍ରୀଡ଼ାବିତଙ୍କ ଅଭ୍ୟାସ ନିମନ୍ତେ ନିର୍ଦ୍ଦିଷ୍ଟ ଖେଳପଡ଼ିଆ ମଧ୍ୟ ସହରରେ ନାହିଁ। ଯାହାଦ୍ୱାରା କ୍ରୀଡ଼ାବିତ୍‌ମାନେ ବର୍ତ୍ତମାନ ଷ୍ଟାଡିୟମ୍ ନିକଟରେ ଥିବା ଏକ ଖୋଲା ପଡ଼ିଆରେ ନିୟମିତ ଅଭ୍ୟାସ କରୁଛନ୍ତି। କିନ୍ତୁ ବର୍ଷା କିମ୍ବା ଅତ୍ୟଧିକ ଖରା ହେଲେ ଏଠାରେ ମଧ୍ୟ ଅଭ୍ୟାସ ବନ୍ଦ ରହୁଛି।

### ସେମାନେ ଯାହା କୁହନ୍ତି



ଦୀର୍ଘ ୭ ବର୍ଷ ହେଲା ଅଭ୍ୟାସ ଜାରି ରହିଛି। ବ୍ରହ୍ମପୁର ଷ୍ଟାଡିୟମ ମରାମତି କାରଣରୁ ବକ୍ସିଂ ରିଙ୍ଗ ବାହାର କରି ଦିଆଯାଇଛି। ଇନ୍‌ଡୋର ତ ଦୂରର କଥା କୌଣସି ନିର୍ଦ୍ଦିଷ୍ଟ ପଡ଼ିଆ ମଧ୍ୟ ନାହିଁ ନିୟମିତ ଅଭ୍ୟାସ ନିମନ୍ତେ । କ୍ରୀଡ଼ା ଉପକରଣ ନାହିଁ ଯାହାଦ୍ୱାରା ବହୁ ପ୍ରତିଯୋଗୀଙ୍କ ନିୟମିତ ଅଭ୍ୟାସରେ ବାଧା ସୃଷ୍ଟି ହେଉଛି। କ୍ରୀଡ଼ାବିତ୍ ଅଧିକାଂଶ ସମୟରେ ନିଜସ୍ୱ ଖର୍ଚ୍ଚରେ ଉପକରଣ ଯୋଗାଡ଼ କରୁଛନ୍ତି। କ୍ରୀଡ଼ା ସଂଘ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

-ସଞ୍ଜୟ କୁମାର ସେଠୀ, ଜାତୀୟସ୍ତରୀୟ ବକ୍ସିଂ ପ୍ରତିଯୋଗୀ



ଦୀର୍ଘ ଦୁଇ ବର୍ଷ ହେବ ବକ୍ସିଂ ପ୍ରତିଯୋଗୀଙ୍କ ଅଭ୍ୟାସ ନିମନ୍ତେ ବହୁ ଆବଶ୍ୟକ ଭିତ୍ତିଭୂମିର ଅଭାବ ହେତୁ ପ୍ରତିଯୋଗୀଙ୍କ ନିୟମିତ ଅଭ୍ୟାସ ପ୍ରଭାବିତ ହୋଇଛି। ଯାହାଦ୍ୱାରା ସେମାନଙ୍କ ଦକ୍ଷତା ବିକାଶରେ ବାଧା ସୃଷ୍ଟି ହେଉଛି। ଯଦି ଆବଶ୍ୟକ ଭିତ୍ତିଭୂମି ପାଇପାରିବେ ଆମ ଜିଲାର ପ୍ରତିଯୋଗୀମାନେ ଅନ୍ୟମାନଙ୍କ ତୁଳନାରେ ଅଧିକ ଭଲ କରିପାରିବେ।

-ଶିଶିର ପାଣିଗ୍ରାହୀ,ବକ୍ସିଂ କୋଚ



କରୋନା ପରଠାରୁ ବକ୍ସିଂ କ୍ଷେତ୍ରରେ ଅଧିକରୁ ଅଧିକ ସମସ୍ୟା ସୃଷ୍ଟି ହେଉଛି। ପୂର୍ବ ଭଳି ଅନୁଦାନ ମଧ୍ୟ ଅଧିକା ମିଳୁନି । ଯାହା ମିଳୁଛି ତାହା ବହୁତ କମ, ଏଥିରେ କ୍ରୀଡ଼ା କରିବା ଏବଂ ଉପକରଣ କ୍ରୟ କରିବା ସମ୍ଭବ ନୁହେଁ।

-ପ୍ରଭାକର ରାଓ, ଜିଲା ବକ୍ସିଂ ସଂଘ ସମ୍ପାଦକ

## ଟିକା ପାଇଁ ଗ୍ରାମବାସୀଙ୍କ ରାସ୍ତାରୋକୋ

**ବୁଗୁଡ଼ା,୧୫।୯(ଡି.ଏନ.ଏ.)**

କରୋନା ଟିକା ପାଇଁ ବିରଞ୍ଚିପୁର ଗ୍ରାମବାସୀ ବୁଗୁଡ଼ା–ନୟାଗଡ ରାଜରାସ୍ତାକୁ ବୁଧବାର ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ବିରଞ୍ଚିପୁର ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୫୦ ଜଣଙ୍କୁ ଟିକା ପ୍ରଦାନର ବ୍ୟବସ୍ଥା କରାଯାଇଥିଲା। ବିରଞ୍ଚିପୁରବାସୀ ସେଠାରେ ପହଞ୍ଚି ସମସ୍ତଙ୍କୁ ଟିକା ଦେବା ପାଇଁ ଅଡି ବସିଥିଲେ। ଟିକା ପ୍ରଦାନକାରୀ କର୍ତ୍ତୃପକ୍ଷ ଏହା ସମ୍ଭବ ନୁହେଁ ବୋଲି କହିବାରୁ ଲୋକମାନେ ବିରଞ୍ଚିପୁର ଠାରେ ରାଜରାସ୍ତାରେ ଆନ୍ଦୋଳନ କରିଥିଲେ। ଖବର ପାଇ ସ୍ଥାନୀୟ ତହସିଲଦାର ସଂଗ୍ରାମ କେଶରୀ ଜେନା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଆସନ୍ତା ସୋମବାର ସୁଦ୍ଧା ଗ୍ରାମର ସମସ୍ତଙ୍କୁ ଟିକା ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି କହିବା ପରେ ରାସ୍ତାରୋକୋ ହଟିଥିଲା।

# ଏସ୍‌ୟୁସିଆଇ ଗଞ୍ଜାମ ଜିଲା କମିଟିର ପ୍ରତିବାଦ ଦିବସ




ସଂଘ ପକ୍ଷରୁ ଆରଡିସିଙ୍କୁ ସ୍ମାରକପତ୍ର ।

## ଆରଡିସିଙ୍କୁ ସ୍ମାରକପତ୍ର

**ବ୍ରହ୍ମପୁର ଅଫିସ୍,୧୫।୯**

ଏସ୍‌ୟୁସିଆଇ ଗଞ୍ଜାମ ଜିଲା ସାଂଗଠନିକ କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ରାଜ୍ୟରେ ଆସନ୍ନ ମରୁଡ଼ି ପରିସ୍ଥିତିରେ ଯୁଦ୍ଧକାଳୀନ ଭିତ୍ତିରେ ଜମିକୁ ପାଣି ଯୋଗାଇବା ଓ ରବି ଫସଲ ଚାଷ ନିମନ୍ତେ ଚାଷୀମାନଙ୍କୁ ମାଗଣା ଓ ରିହାତିରେ ବିହନ, ସାର, ଔଷଧ, କୃଷି ଉପକରଣ ଓ କୃଷକ ବିରୋଧୀ ୩ଟି କଳା କୃଷି ଆଇନ ଏବଂ ବିଦ୍ୟୁତ୍ ସଂଶୋଧନ ବିଲ୍–୨୦୨୦ କୁ ରଦ୍ଦ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ସଂଘ ଦାବି କରିଛି। ଏଥିସହ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଉପରେ ରାଜ୍ୟ ସରକାରଙ୍କ ଟିକସ ହ୍ରାସ କରିବା ସହିତ କେନ୍ଦ୍ର ସରକାରଙ୍କ ଟିକସ ହ୍ରାସ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଆକାଶଛୁଆଁ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ୧୨ଟି ଆଧୁନିକ ମଦ ଡିପୋ ଖୋଲିବା ନିଷ୍ପତ୍ତି ପ୍ରତ୍ୟାହାର କରିବା ସଙ୍ଗେ ସଙ୍ଗେ ଦେଶୀ ବିଦେଶୀ ମଦ ଓ ମାଦକ ଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଗଞ୍ଜାମ ଜିଲା ସାଙ୍ଗଠନିକ କମିଟି ସମ୍ପାଦକ ସୋମନାଥ ବେହେରାଙ୍କ ସମେତ ଶିବାନୀ ଶଙ୍କର ମିଶ୍ର, ନିମାଇଁ ଚରଣ ସାହୁ, ନାରାୟଣ ସାହୁ, ପପୁନ ସାହୁ, କିଷାନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ୟୁଶନ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ

**ବ୍ରହ୍ମପୁର ଅଫିସ,୧୫।୯**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଗତ କିଛିଦିନ ହେଲା ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଏହି ଧାରାରେ ଜଣେ ଟ୍ୟୁଶନ ଶିକ୍ଷକଙ୍କୁ କିଛି ଯୁବକ ମଙ୍ଗଳବାର ରାତିରେ ବ୍ଲେଡ୍‌ରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆହତ ଶିକ୍ଷକ ଜଣଙ୍କ ବଳରାମ ଦାସ। ଅଭିଯୋଗ ପରେ ପୋଲିସ ନଂ.୨୪୩/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ମଧ୍ୟ ଯାଞ୍ଚ କରୁଥିବା କହିଛି। ଘଟଣାରୁ ପ୍ରକାଶ ଧରାକୋଟର ବଳରାମ ଦାସ ଓ ତାଙ୍କ ମା' ବିଷ୍ଣୁପ୍ରିୟା ଦାସ ବ୍ରହ୍ମପୁର ଗେଟ୍‌ବଜାର ଗୋଲାପଲ୍ଲୀ ସାହିରେ ଏକ ଘର ଭଡା ନେଇ ରହୁଛନ୍ତି। ବଳରାମ ସହରର ବିଭିନ୍ନ ସ୍ଥାନରେ ଟ୍ୟୁଶନ କରିଥାନ୍ତି। ସେ ଟିଉଶନ ସାରି ମଙ୍ଗଳବାର ରାତି ପ୍ରାୟ ସାଢେ ୧୦ ଟା'ରେ ସାଇକେଲରେ ଘରକୁ ଫେରୁଥିଲେ। ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଡିଭାଇନ ନର୍ସିଂହୋମ୍ ସମ୍ମୁଖରେ ୨/୩ ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ସେମାନେ ଏକ ଝିଅପିଲାର ଫଟୋ ବଳରାମଙ୍କୁ ଦେଖାଇ ତାକୁ ଜାଣିଛ କି ବୋଲି ପଚାରିଥିଲେ। ଉକ୍ତ ଝିଅଟି ଆମ ଟ୍ୟୁଶନରେ ପାଠ ପଢୁଛି ବୋଲି ସେ କହିଥିଲେ। ଝିଅଟିକୁ ଟ୍ୟୁଶନ ନ କରାଇବାକୁ ସେମାନେ ବଳରାମଙ୍କୁ ଧମକ ଦେଇଥିଲେ। ଏପରି କାମ ମୁଁ କରିପାରିବି ନାହିଁ ବୋଲି ସେ କହିଥିଲେ। ପରେ ଜଣେ ଯୁବକ ଟ୍ୟୁଶନ ଶିକ୍ଷକ ବଳରାମଙ୍କ ଛାତି ଓ ବେକରେ ଏକ ବ୍ଲେଡ୍‌ରେ ଆକ୍ରମଣ କରି ଚମ୍ପଟ ମାରିଥିଲେ। ପରେ ସ୍ଥାନୀୟ କିଛି ଲୋକ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଘଟଣା ପରେ ପୋଲିସ ଅପରାଧୀଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି ବୋଲି କହିଛି।

## ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାନ୍‌ସଂଘର ଆର୍‌ଡିସିଙ୍କୁ ସ୍ମାରକ ପତ୍ର



ସଂଘ ପକ୍ଷରୁ ଆର୍‌ଡିସିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

**ବ୍ରହ୍ମପୁର ଅଫିସ୍,୧୫।୯**

ମଧ୍ୟବିତ୍ତ ବର୍ଗଙ୍କ ବିଭିନ୍ନ ମୌଳିକ ସମସ୍ୟା ଓ ଗଞ୍ଜାମ ଜିଲାର ପ୍ରବାସୀ ଶ୍ରମିକଙ୍କୁ କର୍ମ ନିଯୁକ୍ତି ଦାବିରେ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାନସଂଘ ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକ ପତ୍ରରେ ଉଲେଖ ରହିଛି, ରାଜ୍ୟରେ ଥିବା ସମସ୍ତ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ଚିହ୍ନଟ କରି ରାଜ୍ୟ ସରକାର ତାଲିକା ପ୍ରସ୍ତୁତ କରନ୍ତୁ। ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ବର୍ଗଙ୍କ ସାମାଜିକ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ସହ ମଧ୍ୟବିତ୍ତ ବର୍ଗଙ୍କ ଜୀବନ ଜୀବିକା ସୁରକ୍ଷା ପାଇଁ ଆଇନ୍ ପ୍ରଣୟନ, ମଧ୍ୟବିତ୍ତ କମିଶନ ଗଠନ କରାଯାଇ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ଶ୍ରେଣୀ ପରିବାରଙ୍କୁ ବର୍ତ୍ତମାନର ଆର୍ଥିକ ସ୍ଥିତି ଅନୁସାରେ ବର୍ଗୀକରଣ, ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଜନ କଲ୍ୟାଣ ଯୋଜନାରେ ସାମିଲ ଓ ରାଜ୍ୟରେ ଦାଦନ ଶ୍ରମିକ ବା ପ୍ରବାସୀ ଓଡିଆଙ୍କୁ ରାଜ୍ୟ ମଧ୍ୟରେ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ବ୍ୟବସ୍ଥା ପାଇଁ ଦାବି ହୋଇଛି। ସ୍ମାରକ ପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଶଙ୍କର ପାଣିଗ୍ରାହୀ ଓ ସଂଘ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ କେ.ବାଲାରାଜୁ ରେଡ୍ଡୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଡାକ୍ତର ଦମ୍ପତିଙ୍କ ଘରୁ ଚୋରି ଘଟଣା

# ପୋଲିସକୁ ମିଳୁନି ସୁରାକ

**ବ୍ରହ୍ମପୁର ଅଫିସ,୧୫।୯**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ଦଣ୍ଡକାଳୀ ମନ୍ଦିର ନିକଟରେ ରହୁଥିବା ଡାକ୍ତର ଦମ୍ପତିଙ୍କ ଘରୁ ଲୁଟ୍ ହୋଇଥିଲା। ଘଟଣାର ୧୫ଦିନ ପରେ ବି ପୋଲିସକୁ କିଛି ସୁରାକ ମିଳି ପାରିନାହିଁ। ଚୋରଙ୍କୁ ଧରିବା ପାଇଁ ଗଠିତ ପ୍ରପର୍ଟି ଅଫେନ୍ସ, ପ୍ରିଭେନଶନ ଆଣ୍ଡ ଡିଟେକଶନ ଟିମ୍ ତଦନ୍ତ ଚଳାଇଛି। ଚୋରଙ୍କ ସୁରାକ ପାଇବା ପାଇଁ ଉକ୍ତ ଟିମ୍ ଏବେ ଅନ୍ଧାରରେ ବାଡ଼ି ବୁଲାଉଛି। ଅନ୍ୟପଟେ ପୋଲିସକୁ ସୁରାକ ମିଳୁନି।

ଦଣ୍ଡକାଳୀ ମନ୍ଦିର ନିକଟ ଲିଙ୍ଗରାଜ ନଗରରେ ରହୁଥିବା ଡାକ୍ତର ସତୀଶ ମହାପାତ୍ର ଛତ୍ରପୁର ମେଡିକାଲରେ କାମ କରୁଛନ୍ତି। ତାଙ୍କ ସ୍ତ୍ରୀ ଡା. ଶୁଭଶ୍ରୀ ରଥ ଏମ୍‌କେସିଜି ମେଡିକାଲରେ କାମ କରନ୍ତି। ଡା. ଶୁଭଶ୍ରୀ କିଛିଦିନ ହେଲା ତାଙ୍କର ବାପାଙ୍କ ଘରକୁ ଯାଇଥିଲେ। ସେହିପରି ଡା. ସତୀଶ ମଧ୍ୟ ଛତ୍ରପୁରରେ ରହିଥିଲେ। ଫଳରେ ଘରେ ତାଲା ପଡିଥିଲା। ଏହାର ସୁଯୋଗ ନେଇ ଚୋର ଗ୍ୟାଙ୍ଗ୍ ତାଲା ଭାଙ୍ଗି ଘରେ ପଶି ଚୋରି କରିଛନ୍ତି। ଗତ ୩୦ ତାରିଖରେ ଡା. ସତୀଶ ଘରକୁ ଆସିବା ପରେ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ଆଲିମରା ଭଙ୍ଗା ଯାଇଥିବା ବେଳେ ସେଥିରେ ଥିବା ୧୫ ଭରି ଓଜନର ସୁନା ଗହଣା ଓ ୨୦ ହଜାର ଟଙ୍କା ନ ଥିଲା। ସେହିପରି ଘରେ ଥିବା ଏକ ଏଲ୍‌ଇଡି ଟିଭି ମଧ୍ୟ ଚୋରି ହୋଇଥିବା ସେ ଦେଖିବାକୁ ପାଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ଦେଶୀ ମଦ ଜବତ, ୨ ଗିରଫ

**ଦିଗପହଣ୍ଡି,୧୫।୯(ଡି.ଏନ.ଏ.)**

ଚୋରା ଦେଶୀ ମଦ କାରବାର ମାମଲାରେ ବୁଧବାର ଦିଗପହଣ୍ଡି ଅବକାରୀ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୩୧ ଲିଟର ଚୋରା ଦେଶୀମଦ ଜବତ କରିଛନ୍ତି। ଏ ନେଇ ନଂ.୬୯, ୭୦/୨୧ ଅନୁଯାୟୀ ପୃଥକ୍ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଦିଗପହଣ୍ଡି କୋର୍ଟକୁ ଚାଲାଣ କରାଯାଇଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମର ନିରଞ୍ଜନ ନାୟକ ଓ କେ.ନୂଆଗାଁ ଥାନା ବୁରୁବନ୍ଧ ଗ୍ରାମର ଦେବେନ୍ଦ୍ର ଚୌଧୁରୀ। ଦିଗପହଣ୍ଡି ଅବକାରୀ ପୋଲିସ୍ ବୁଧବାର ସକାଳ ପାଟ୍ରୋଲିଂ କରୁଥିବା ସମୟରେ ନିରଞ୍ଜନ ୧୯ ଲିଟର ଚୋରା ଦେଶୀମଦ ଧରି ଲକ୍ଷ୍ମୀନାରାୟଣପୁର ଗ୍ରାମ ରାସ୍ତା କଡ଼ରେ ବସି ବିକ୍ରି କରୁଥିବା ବେଳେ ଧରାପଡ଼ିଥିଲେ। ସେହିପରି ଦେବେନ୍ଦ୍ର ୧୨ ଲିଟର ଚୋରା ଦେଶୀମଦ ଧରି ବୁରିବନ୍ଧ ଗ୍ରାମ ରାସ୍ତା କଡ଼ରେ ବିକ୍ରୀ କରୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏହି ଚଢାଉରେ ଅବକାରୀ ଏଏସ୍‌ଆଇ ବସନ୍ତ କୁମାର ସେଠୀ, ଏନ୍.ତ୍ରୀପତି, ନିରଞ୍ଜନ ବେହେରା, ପଦ୍ମାବତୀ ସେଠୀ ପ୍ରମୁଖ ସାମିଲ ଥିଲେ।

## ନାଟକ ସମାରୋହ ସମିତିର ସମ୍ବର୍ଦ୍ଧନା ଉତ୍ସବ

### ୩୫ କଳାକାର ସମ୍ବର୍ଦ୍ଧିତ

**ବ୍ରହ୍ମପୁର ଅଫିସ,୧୫।୯**

ଓଡ଼ିଶା ନାଟକ ସମାରୋହ ସମିତି ପକ୍ଷରୁ ହିଲପାଟଣା ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି କମ୍ୟୁନିଟି ହଲଠାରେ ବୁଧବାର କଳାକାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। କଣ୍ଠଶିଳ୍ପୀ ବିଭୁ କିଶୋର ଦାସ, ଅଭିନେତା ଅନ୍ତର୍ଯ୍ୟାମୀ ପଣ୍ଡା, ନୃତ୍ୟଗୁରୁ ଆଲୋକ ବିଷୋୟୀ, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମାର୍ଚ୍ଚ ୨୩ ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗାନ୍ଧୀଙ୍କ ଓଡିଶା ଗସ୍ତ ନେଇ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ରଚିତ ନାଟକ ଗାନ୍ଧୀଙ୍କ ଓଡିଶା ମଞ୍ଚସ୍ଥ ହୋଇଥିଲା। ଏଥିରେ ୩୫ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ କଣ୍ଠଶିଳ୍ପୀ ବିଭୁ କିଶୋର, ଅନ୍ତର୍ଯ୍ୟାମୀ ପଣ୍ଡା ଓ ନୃତ୍ୟ ଗୁରୁ ଆଲୋକ ବିଶୋୟୀଙ୍କ ସମେତ ରାଜୁ ପାଢ଼ୀ ଓ ରବି ନାରାୟଣ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ଲିଖିତ ଓ ମଦନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ ଶେଷ ଦୃଶ୍ୟ ଅଭିନୀତ ହୋଇଥିଲା।




ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ପିଇବା ପାଣି ପାଇଁ ରାସ୍ତା ଖୋଳିଦେଲେ

## ମରାମତି କଥା ଭୁଲିଗଲେ

**ବ୍ରହ୍ମପୁର ଅଫିସ୍,୧୫।୯**

ବ୍ରହ୍ମପୁର ସହରକୁ ଜାଲିବିଲି ପାନୀୟ ଜଳ ଯୋଗାଣ ନାମରେ ମୁଖ୍ୟ ରାସ୍ତା ଓ ବିଭିନ୍ନ ସାହି ରାସ୍ତାକୁ ଖୋଳାଯାଇ ପାଇପ୍ ଲାଇନ୍ ବିଛା ହୋଇଛି। ପାଇପ୍ ଲାଇନ୍ ବିଛା ହେବା ପରେ ରାସ୍ତାଗୁଡିକ ନଷ୍ଟ ହୋଇଯିବାରୁ ମରାମତି ପାଇଁ ଜନସାଧାରଣ ଓ ବିଭିନ୍ନ ମହଲରୁ ଦାବି ହେବା ପରେ ଖୋଳା ଯାଇଥିବା ରାସ୍ତା ମରାମତି କରାଯାଇଛି। କିନ୍ତୁ ସହରର ଏଭଳି କିଛି ଅଞ୍ଚଳରେ ପାଇପ୍ ଲାଇନ୍ ବିଛାଇବା ନାମରେ ରାସ୍ତା ଖୋଳି ଦେଇଥିବା ବେଳେ ମରାମତି ପାଇଁ ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଯାହା ଦ୍ୱାରା ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ ଡ୍ରେନ୍‌ଗୁଡିକ ପୋତି ହୋଇ ଯାଇଛି। ଏଭଳି ଏକ ଅଞ୍ଚଳ ହେଉଛି ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୧୪ ନଂ ୱାର୍ଡ ସ୍ଥିତ ନିରାକାର ନଗର।



ଖୋଳାଯାଇଥିବା ସାହି ରାସ୍ତା।

ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ପାଇପ୍ ଲାଇନ୍ ବିଛାଇବା ପାଇଁ ଘର ପାର୍ଶ୍ୱ ରାସ୍ତା ଖୋଳାଯାଇଛି। ପାଇପ୍ ଲାଇନ୍ ବିଛାଯିବା ପରେ ଲୋକେ ପିଇବା ପାଣି ପାଇଛନ୍ତି। କିନ୍ତୁ ପାଇପ୍ ଲାଇନ୍ କାର୍ଯ୍ୟ ସରିବା ପରେ ଆଜକୁ ୬ ମାସ ହେବ ରାସ୍ତା ଉପରେ କୁଢ କୁଢ ମାଟି, ମେଟାଲ ଓ ପଥର ଗଦା ହୋଇ ପଡି ରହିଛି। ଯାହା ଦ୍ୱାରା ପାର୍ଶ୍ୱସ୍ଥ ଡ୍ରେନ୍ ପୋତି ହୋଇ ଯାଇଛି। ଫଳରେ ସାମାନ୍ୟ ବର୍ଷା ହେଲେ ବର୍ଷା ଜଳ ରାସ୍ତା ଉପରେ ଜମି ରହି ପାଣି କାଦୁଅ ରାସ୍ତା ହେଉଛି। ସ୍ଥାନୀୟ ବାସିନ୍ଦା ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଡ୍ରେନ୍‌ଟି ପୋତି ହୋଇଯିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଖୋଳାଯାଇଥିବା ରାସ୍ତା ମରାମତି ପାଇଁ ବାରମ୍ବାର ଦାବି ହୋଇଛି, କିନ୍ତୁ ଗୁହାରି କେହି ବି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସାହି ମଧ୍ୟରେ ଅନେକାଂଶ ଷ୍ଟ୍ରିଟ୍ ଲାଇଟ ଜଳୁ ନାହିଁ। ସନ୍ଧ୍ୟାରେ ସାହି ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାର ହେଉଛି। ଷ୍ଟ୍ରିଟ୍ ଲାଇଟ୍ ମରାମତି ପାଇଁ ବାରମ୍ବାର ଅଭିଯୋଗ କରାଯାଉଥିଲେ ସୁଦ୍ଧା ବିଏମ୍‌ସି କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଯାହା ଦ୍ୱାରା ଅନେକ ସମସ୍ୟା ମଧ୍ୟରେ ସାହି ବାସିନ୍ଦା ବସବାସ କରୁଛନ୍ତି। ଏହି ଅଞ୍ଚଳର ସମସ୍ୟା ପ୍ରତି ସ୍ଥାନୀୟ ଲୋକ ପ୍ରତିନିଧି କିମ୍ବା ବିଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ୧୬ ସେପ୍ଟେମ୍ବର, ୨୦୨୧



## ସଂକ୍ଷେପରେ

### ଲାଞ୍ଚ ନେବା ମାମଲାରେ ଜେଲ ଗଲେ ଏସ୍‌ଡିଓ

ଜୟପୁର ୧୫।୯(ନି.ପ୍ର.): ଚାକିରି କରାଇଦେବାକୁ କହି ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିବା ଟାଟା ପାଓାର ଏସଡିଓ କେ.ଶ୍ରୀନିବାସ ପାତ୍ରଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଥିବାବେଳେ ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟ ତାଙ୍କୁ ଆସନ୍ତା ୨୭ ତାରିଖ ଯାଏ ଜେଲ ହାଜତକୁ ପଠାଇଛନ୍ତି। ପରବର୍ତ୍ତୀ ଶୁଣାଣି ୨୭ ତାରିଖରେ ହେବ ବୋଲି ଜଣାପଡିଛି। କୋରାପୁଟ ଭିଜିଲାନ୍ସ ଡିଭିଜନ ଟାଟା ପାଓାରର କାଯ୍ୟାଳୟରେ ମଙ୍ଗଳବାର ଚଢାଉ କରିଥିଲା। ଜଣଙ୍କୁ ଲ୍ୟାଡରମ୍ୟାନ ଚାକିରୀ ଦେବାପାଇଁ ଟାଟା ପାଓ୍ୱାର ହାଉସ କାର୍ଯ୍ୟାଳୟରେ ଲାଞ୍ଚ ନେବାବେଳେ ସେ ଭିଜିଲାନ୍ସ ହାତରେ ଧରାପଡିଥିଲେ।

### ମାଛ ବଜାରରେ ଖଣ୍ଡାଧାରୀଙ୍କ ଆତଙ୍କରାଜ

ବ୍ରହ୍ମପୁର ଅଫିସ ,୧୫।୯: ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ମାଛ ମାର୍କେଟରେ ବୁଧବାର ରାତିରେ କେତେଜଣ ଦୁର୍ବୃତ୍ତ ଖଣ୍ଡାଧରି ଆତଙ୍କ ଚଳାଇଛନ୍ତି। ଏହି ଘଟଣାରେ ପୋଲିସ କେତେଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନେ ମାଛ ବଜାରର ବ୍ୟବସାୟୀଙ୍କୁ ନାନା ଧମକ ଦେଇ ଭୟର ବାତାବରଣ ସୃଷ୍ଟି କରିଥିଲେ। ସେଠାରୁ ଦୁର୍ବୃତ୍ତମାନେ ଚାଲିଯିବା ପରେ ବ୍ୟବସାୟୀମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରି କେତେଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଥିବା ସୂଚନା ମିଳିଛି।

### ସାତଖଣ୍ଡ ତାଲୁକା ରଜକ ସମାଜ ବୈଠକ

ଶେରଗଡ,୧୫।୯(ଡି.ଏନ.ଏ.): ଗଞ୍ଜାମ ଜିଲା ସାତଖଣ୍ଡ ତାଲୁକା ରଜକ ସମାଜର ବୈଠକ ଶେରଗଡ଼ ମଥୁରା ପଦ୍ମନାଭପୁର ଶନିମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡଖେମଣ୍ଡି ତାଲୁକାର ସଭାପତି କୃଷ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ଉପସ୍ଥିତ କର୍ମକର୍ତ୍ତାଙ୍କ ସର୍ବସମ୍ମତିକ୍ରମେ ପଶ୍ଚିମ ମଣ୍ଡଳ ପାଇଁ ସଭାପତି ଭାବେ ଅର୍ଜୁନ ସେଠୀ, ଉପସଭାପତି ଭାବେ ଭଗବାନ ସେଠୀ, ଡମ୍ବରୁ ସେଠୀ, ସମ୍ପାଦକ ଭାବେ ଚକ୍ରପାଣି ସେଠୀ, ସହ ସମ୍ପାଦକ ଭାବେ ମାଧବ ସେଠୀ, କୋଷାଧକ୍ଷ ଭାବେ ଉମାକାନ୍ତ ସେଠୀ, ଉପଦେଷ୍ଟା ଭାବେ ଶ୍ୟାମସୁନ୍ଦର ସେଠୀଙ୍କୁ ଚୟନ କରାଯାଇଥିଲା। ବୈଠକରେ ସୋରଡା, ଧରାକୋଟ, ଶେରଗଡ, ସାନଖେମଣ୍ଡି, ବଡଖେମଣ୍ଡି, ବଡ଼ଗଡ଼ ଉପର, ବଡଗଡ଼ ତଳ ତାଲୁକାର ସଭାପତ ଉପସ୍ଥିତ ଥିବା ବେଳେ ଜିଲା ଉପଦେଷ୍ଟା ଅଶୋକ କୁମାର ବେହେରା,ଜିଲା ଉପସଭାପତି ରୋହିତ କୁମାର ସେଠୀ, ଜିଲା ସମ୍ପାଦକ ରୁଷି ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

### ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପରାମର୍ଶ, ଚୟନ ଶିବିର

ଦିଗପହଣ୍ଡି,୧୫।୯(ଡି.ଏନ.ଏ.):ସାନ ଖେମୁଣ୍ଡି ବ୍ଲକ ପୋଡ଼ାମାରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା ଆନୁକୂଲ୍ୟରେ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପରାମର୍ଶ ଓ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାନଖେମୁଣ୍ଡି ବ୍ଲକ ଓରମାସ୍, ଓଡ଼ିଶା ଜୀବିକା ମିଶନ ଏବଂ ଜିଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ଗାୟତ୍ରୀ ଦତ୍ତ ନାୟକ ଅଧକ୍ଷତା କରିଥିଲେ। ସାନଖେମୁଣ୍ଡି ବ୍ଲକ ଅଧିନ ପୋଡାମାରୀ, ପଟିଗୁଡା, ଟି .ଗୋବିନ୍ଦପୁର ଓ ପଦ୍ମପୁର ଆଦି ୪ ପଞ୍ଚାୟତର ବହୁ ଯୁବତୀ ଯୁବକ ଏହି ନିଯୁକ୍ତି ପରାମର୍ଶ ଓ ଚୟନ ଶିବିରରେ ଉପସ୍ଥିତ ଥିଲେ। ରାଜ୍ୟର ୫ଟି ଘରୋଇ କମ୍ପାନୀର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ୧୨୫ ଜଣ ବେକାର ଯୁବତୀ ଯୁବକ କର୍ମନିଯୁକ୍ତି ନିମନ୍ତେ ଏହି ଶିବିରରେ ନିଜର ନାମ ପଞ୍ଜିକରଣ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ନରେନ୍ଦ୍ର କୁମାର ତ୍ରିପାଠୀ ସଂଯୋଜନା କରିଥିବା ବେଳେ ପୋଡାମାରୀ ସରପଞ୍ଚ ଭାଗ୍ୟଶ୍ରୀ ବିଷୋୟୀ, ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ବିଷୋୟୀଙ୍କ ସମେତ ସମସ୍ତ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

# ସ୍କୁଲ ମିଶ୍ରଣକୁ ଗ୍ରାମବାସୀଙ୍କ ବିରୋଧ

- ବିଡିଓଙ୍କୁ ଦାବିପତ୍ର ଦେଲେ ଜଗତୁଗୁଡ଼ା ଓ ସର୍ଗିପାର୍ଲିବାସୀ
- ନିୟମ ଉଲ୍ଲଂଘନ କରି ସ୍କୁଲ ମିଶ୍ରଣ କରାଯାଉଥିବା ଅଭିଯୋଗ
- ୧୫ ଦିନରେ ସମସ୍ୟା ସମାଧାନ ନ ହେଲେ ପିଲାଙ୍କୁ ସ୍କୁଲ ବନ୍ଦ ଚେତବାନୀ



ବିଡିଓଙ୍କୁ ଭେଟିବାକୁ ଆସିଥିବା ଅଞ୍ଚଳବାସୀ।

କୋଷାଗୁମୁଡ଼ା/କୋଡିଙ୍ଗା, ୧୫।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ପଞ୍ଚାୟତ ଜଗତୁଗୁଡ଼ା ଓ ସର୍ଗିପାର୍ଲି ଗ୍ରାମବାସୀ ବୁଧବାର ବିଡିଓ ଅକ୍ଷୟମିତା କାର୍ତ୍ତିକଙ୍କୁ ଭେଟିଛନ୍ତି। ଜଗତୁଗୁଡ଼ାରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ନୂଆଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶାଯାଇଛି। ଏହାକୁ ଗ୍ରାମବାସୀ ବିରୋଧକରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

୨୦୦୧ରୁ ଜଗତୁଗୁଡାରେ ପ୍ରାଥମିକ ବିଦ୍ୟାଳୟ ଅଛି। କିନ୍ତୁ ଚଳିତ ବର୍ଷ ଉକ୍ତ ସ୍କୁଲକୁ ନୂଆଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ନିୟମାନୁଯାୟୀ, ୧୦ରୁ କମ୍ ପିଲାଥିବା ବିଦ୍ୟାଳୟକୁ ନିକଟସ୍ଥ ସ୍କୁଲରେ ମିଶ୍ରଣ କରାଯିବ। କିନ୍ତୁ ଜଗତୁଗୁଡ଼ା ବିଦ୍ୟାଳୟରେ ୨୫ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ କିପରି ସ୍କୁଲକୁ ବନ୍ଦ କରାଯାଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଲକ୍‌ଡାଉନରେ ଏଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା, ବହିପତ୍ର, ମଧ୍ୟାହ୍ନଭୋଜନ ଚାଉଳ ଓ ସହାୟତା ଟଙ୍କା ଦିଆଯାଇନାହିଁ। ଗାଁରୁ ନୂଆଗୁଡ଼ା ସ୍କୁଲ ପର୍ଯ୍ୟନ୍ତ ଭଲ ରାସ୍ତା ନାହିଁ। ଅନ୍ୟ ରାସ୍ତାରେ ଗଲେ ୪ କି.ମି. ଦୂର ହେଉଛି। ଅନ୍ୟପକ୍ଷେ ବିଦ୍ୟାଳୟ ବନ୍ଦ ଓ ମିଶ୍ରଣକୁ ନେଇ ଅଭିଭାବକଙ୍କ ସହ ପ୍ରଶାସନିକ ସ୍ତରରେ କୌଣସି ଆଲୋଚନା ହୋଇନାହିଁ। ତେଣୁ ୧୫ଦିନ ମଧ୍ୟରେ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର କରା ନ ଗଲେ ପିଲାଙ୍କୁ ସ୍କୁଲ ପଠାଇବେ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

# ହିନ୍ଦୀ ଭାଷାର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ



ଅଙ୍ଗାରଗାଁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବେଗୁନିଆପଡା/ପାରଳାଖେମୁଣ୍ଡି, ୧୫।୯(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଅଙ୍ଗାରଗାଁ ସ୍ଥିତ ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟରେ ବେଗୁନିଆପଡା ଏବଂ ଖଲ୍ଲିକୋଟ ବ୍ଲକର ନୂତନ ଅନୁଦାନପ୍ରାପ୍ତ ମାଧ୍ୟମିକ ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବେଗୁନିଆପଡା ବିଡିଓ ବେଦବର ପ୍ରଧାନ, ମୁଖ୍ୟବକ୍ତା ଭାବେ ପୁରୁଷୋତ୍ତମପୁର ହିନ୍ଦୀ ପ୍ରଚାର ସଭା ସଭାପତି ପ୍ରଫୁଲ୍ଲ କୁମାର ରଥ, ସ୍ୱତନ୍ତ୍ର ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ସହକାରୀ ଯନ୍ତ୍ରୀ ସାଲା ସଙ୍ଗୀତା ଗୁଡୁ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ଭ୍ରମରବର ଭୂୟାଁ, ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିପ୍ର ଚରଣ ସାହୁ, ବରିଷ୍ଠ କମ୍ୟୁନିଷ୍ଟ ନେତା ରଙ୍କନାଥ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ହିନ୍ଦୀ ଶିକ୍ଷକ ସଂଘ ସଭାପତି ଦୀନବନ୍ଧୁ ସ୍ୱାଇଁ, ରାଜେନ୍ଦ୍ର କୁମାର ସାହୁ, ଉପେନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ ସହଯୋଗ କରିଥିଲେ। ହିନ୍ଦୀ ହେଉଛି ଭାରତର ରାଷ୍ଟ୍ରଭାଷା, ଏହାର ସୁରକ୍ଷା ଏବଂ ପ୍ରଚାର ଓ ପ୍ରସାର ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ଗଜପତି ଜିଲା ପାରଳାଖେମୁଣ୍ଡି ସ୍ଥିତ ୟୁ-ଟେକ କମ୍ପ୍ୟୁଟର ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରରେ ୟୁ-ଟେକ କମ୍ପ୍ୟୁଟର ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ଓ ରାଜତାରା କନିଷ୍ଠ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ୟୁ-ଟେକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ସଂଯୋଜକ ଲୋକନାଥ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ପଣ୍ଡିତ ନରସିଂହ ଗୌଡ଼, ମୁଖ୍ୟ ଅତିଥି ଶିକ୍ଷାବିତ ବିଚିତ୍ରା ନନ୍ଦ ବେବର୍ତ୍ତା, ପ୍ରଗତି ମହିଳା ସଂଗଠନର ସମ୍ପାଦିକା ତନୁଜା ଶତପଥୀ ସମ୍ମାନିତ ବକ୍ତା ଏବଂ ରାଜାତାରା କଲେଜର ମୁଖ୍ୟ କେ. ଅରୁଣ କୁମାର, ସତ୍ୟନାରାୟଣ କାର୍ଜୀ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ହିନ୍ଦୀ ଦିବସ ପାଳନର ସମ୍ପର୍କରେ ଆଲୋଚନା କରିଥିଲେ।

# ବ୍ୟବସାୟୀଙ୍କୁ ଅଟକାଇଲେ ଗ୍ରାମବାସୀ



ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ଫୁଲବାଣୀ ଅଫିସ/ଚକାପାଦ, ୧୫।୯

କନ୍ଧମାଳ ଜିଲା ଚକାପାଦ ସାପ୍ତାହିକ ଜନଜାତି ହାଟକୁ ବ୍ୟବସାୟୀମାନେ ବଡ ଗାଡି ଆଣି ଗାଁ ରାସ୍ତା ଖରାପ କରିଥିବା ଦର୍ଶାଇ ହାଟପଦା ସାହିର ଲୋକେ ବୁଧବାର ରାସ୍ତା ଅବରୋଧ କରିଥିଲେ। ବ୍ୟବସାୟୀମାନେ ରାସ୍ତାରେ ବାଲି ପକାଇବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା। ସାପ୍ତାହିକ ହାଟକୁ ଯିବା ପାଇଁ ଆରଏମ୍‌ସି ପକ୍ଷରୁ ଗୋଟିଏ ରାସ୍ତା କରାଯାଇଛି। ବ୍ୟବସାୟୀମାନେ ସେହି ରାସ୍ତାରେ ଗାଡି ମୋଟର ନ ନେଇ ଗ୍ରାମ ରାସ୍ତାରେ ଯାଉଛନ୍ତି। ଯାହାଫଳରେ ରାସ୍ତା ଖରାପ ହେଉଛି। ଅନେକ ସ୍ଥାନରେ ଖାଲଖମା ହୋଇଯାଇଛି। ତେଣୁ ଆରଏମ୍‌ସି ଦ୍ୱାରା ନିର୍ମିତ ରାସ୍ତାରେ ଯିବାକୁ ବ୍ୟବସାୟୀଙ୍କୁ କହି ଲୋକେ ପ୍ରାୟ ୩ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ବ୍ୟବସାୟୀମାନେ ରାସ୍ତାରେ ବାଲି ପକାଇବା ସହ ନୂତନ ରାସ୍ତାରେ ଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

**ବଡ଼ ଗାଡ଼ି ଯୋଗୁ ରାସ୍ତା ଖରାପ**

## ପ୍ରଧାନପଡ଼ାରୁ ବାଲି ନ ନେବା ପାଇଁ ଦାବିପତ୍ର

ବାଲିଗୁଡା,୧୫।୯.(ଡି.ଏନ.ଏ.)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ବ୍ଲକର ପ୍ରଧାନପଡ଼ା ଯୁବକ ସଂଘ ଓ ଏସ୍‌ଏଚ୍‌ଜି ଗ୍ରୁପ ତରଫରୁ ପ୍ରଧାନପଡ଼ା ଗାଁରୁ ବାଲି ନ ନେବା ପାଇଁ ଟିକାବାଲି ତହସିଲଦାରଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ପ୍ରଧାନପଡ଼ା ଗାଁ ମଝିରେ ପ୍ରତି ଦିନ ୩୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ବାଲି ବୋଝେଇ ନେବା ଆଣିବା କରିବା ଦ୍ୱାରା ପ୍ରଧାନପଡାବାସୀଙ୍କୁ ଯାତାୟାତରେ ବହୁ ଅସୁବିଧା ହେଉଛି । ପ୍ରଧାନପଡ଼ା ମୁଖ୍ୟ ପିଚୁ ରାସ୍ତାରୁ ନଦୀକୁ ଯିବା ରାସ୍ତାରେ ପ୍ରଧାନପଡ଼ା ପ୍ରାଥମିକ ବିଦ୍ୟାଳୟ ଅବସ୍ଥିତ। ରାସ୍ତାରେ ଖାଲଖମା ହେତୁ ପ୍ରତିଦିନ ଅସୁବିଧା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ରର ଛୋଟ ପିଲା ଠୁ ସ୍କୁଲ ଛାତ୍ରୀଛାତ୍ର ସେହି ରାସ୍ତାରେ ଯାତାୟାତ କରୁଥିବାରୁ ଏହାକୁ ବନ୍ଦ କରିବା ପାଇଁ ଗ୍ରାମବାସୀମାନେ ତହସିଲଦାରଙ୍କୁ ଦାବି କରିଛନ୍ତି।

## ରାସ୍ତା ପାଇଁ ଶତାୟୁ ବୃକ୍ଷ ଟଳିଲା



ରାଜପଥ କଡରେ ଏକ ପୁରୁଣା ଗଛକୁ କଟାଯାଇଛି।

ଦାରିଙ୍ଗବାଡ଼ି,୧୫।୯(ଡି.ଏନ.ଏ)

ଦାରିଙ୍ଗବାଡି ଅଞ୍ଚଳରେ ରାସ୍ତା ସଂପ୍ରସାରଣ ପାଇଁ ବହୁ ଗଛ କଟାଯାଉଛି। ଏପରକି ଶହେ ବର୍ଷ ପୁରୁଣା ଗଛ ମଧ ବାଦ ପଡ଼ିନାହିଁ। ଏଭଳି ଗଛ କଟାଯିବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏବେ ଦାରିଙ୍ଗବାଡ଼ି ଠାରୁ ସିମନବାଡ଼ି ମଧ୍ୟରେ ବହୁତ ଗଛ କଟାଯାଉଛି। ୫୯ ନଂ. ଜାତୀୟ ରାଜପଥ ସଂପ୍ରସାରଣ କରାଯିବା ପାଇଁ ଅଞ୍ଚଳରେ ପ୍ରଥମଥର ପାଇଁ ବଡ଼ ବଡ଼ ଗଛଗୁଡ଼ିକୁ ଯନ୍ତ୍ର ସାହଯ୍ୟରେ ଅନତ୍ର ସ୍ଥାନାନ୍ତର କାର୍ଯ୍ୟ ଫେଲ ମାରିବା ପରେ ଏବେ ରାଜପଥ କଡ଼ରୁ ସିଧାସଳଖ ଗଛକଟାଯାଉଛି। ଯଦ୍ୱାରା ଅଞ୍ଚଳରେ ଦିନକୁ ଦିନ ଗରମ ବୃଦ୍ଧି ପାଇଛି। ବାଲିଗୁଡ଼ାଠାରୁ ଦାରିଙ୍ଗବାଡ଼ିର ପଞ୍ଚୁପଲ୍ଲି ପର୍ଯ୍ୟନ୍ତ ପ୍ରାୟ ୫୦ କି.ମି. ରାସ୍ତା ସଂପ୍ରସାରଣ ଚାଲିଥିବା ବେଳେ ଗତ ୫ବର୍ଷ ମଧ୍ୟରେ ଶତାଧିକ ଗଛ କଟାଯାଇଛି। ସେହିପରି ଦାରିଙ୍ଗବାଡ଼ି ଠାରୁ ବ୍ରାହ୍ମଣୀଗାଁ ପର୍ଯ୍ୟନ୍ତ ପିଡବ୍ଲୁଡି ବିଭାଗ ପକ୍ଷରୁ ରାସ୍ତା ସଂପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ସେହି ରାସ୍ତାର ମହାଗୁଡ଼ି ନିକଟ ଘାଟିରାସ୍ତା ସମେତ ପ୍ରାୟ ୪୦ କି.ମି. ଦୂରତା ମଧ୍ୟରୁ ୧୭ କି.ମି. ମଧ୍ୟରେ ବିଭିନ୍ନ ସ୍ଥାନରେ ଗଛ କଟାଯାଇ କାର୍ଯ୍ୟ ଚାଲିଛି। ସମସ୍ତ ରାସ୍ତା କାର୍ଯ୍ୟ ଶେଷ ହେଲେ କଟାଯାଇଥିବା ଗୋଟିଏ ଗଛ ବଦଳରେ ୧୦ଟି ଲେଖାଏ ଗଛ ଲଗାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ବିରୁଡ଼ି ଆକ୍ରମଣରେ ଶିଶୁ ମୃତ, ୩ ଆହତ

ଦଶମନ୍ତପୁର, ୧୫।୯ (ଡି.ଏନ୍.ଏ.)

ବିରୁଡ଼ି ଆକ୍ରମଣରେ ଜଣେ ଶିଶୁର ମୃତ୍ୟୁ ହୋଇଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ମରିଚିଗୁଡ଼ା ଗାଁ ଜୟରାମ ମୁଦୁଲି(୬)। ଘଟଣାରେ କୁମିତା ମୁଦୁଲି, ଜହନ ମୁଦୁଲି ଏବଂ ଲବାଇ ମୁଦୁଲି ଆହତ ହୋଇଛନ୍ତି। ସେମାନଙ୍କୁ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଜୟରାମ, କୁମିତା, ଜହନ ଓ ଲବାଇ ନଈକୂଳକୁ ଶୌଚହେବାକୁ ଯାଇଥିଲେ। ସେଠାରେ ଏକ ଗଛଡାଳରେ ବିରୁଡ଼ି ବସା ଥିଲା। ଜୟରାଭ ବିରୁଡି ବସା ଉପରକୁ ଟେକା ମାରିଥିଲେ। ଏହାପରେ ବିରୁଡି ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ସେଠାରୁ ଦୌଡି ଆସିବା ପରେ ପରିବାର ଲୋକେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଜୟରାମଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର କହିଥିଲେ।

# କେନ୍ଦରା ବାଦକଙ୍କୁ ମିଳୁନି କଳାକାର ଭତ୍ତା

ଭଞ୍ଜନଗର,୧୫।୯(ଡି.ଏନ.ଏ)



ଜି.ଧୋବା ପାତ୍ର।

ଗଞ୍ଜାମ ଜିଲାରେ ଅନେକ ଯୋଗ୍ୟ ହିତାଧିକାରୀ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତାରୁ ବଞ୍ଚିତ ଅଛନ୍ତି। ବେଲଗୁଣ୍ଠା ବ୍ଲକ କୋକଲୁଣ୍ଡାର ଜି. ଧୋବା ପାତ୍ର ପ୍ରାୟ ୫୦ ବର୍ଷ ହେବ ରାଜ୍ୟ ଓ ରାଜ୍ୟ ବାହାରେ ଅନେକ କାର୍ଯ୍ୟକ୍ରମରେ କେନ୍ଦରା ବଜାଇ ଲୋକଙ୍କ ମନୋରଞ୍ଜନ କରିଛନ୍ତି। ତାଙ୍କୁ ବର୍ତ୍ତମାନ ୬୨ ବର୍ଷ ହୋଇଥିଲେ ମଧ ସରକାରଙ୍କ କୌଣସି ଭତ୍ତା ଯୋଜନାରେ ସାମିଲ ହୋଇପାରିନାହାନ୍ତି। ଅଭାବ ମଧ୍ୟରେ ପରିବାର ଚଳାଇବା ପାଇଁ ମଝିରେ ମଝିରେ ସେ ଭିକ୍ଷାବୃତ୍ତି କରିବାକୁ ବାଧ ହେଉଛନ୍ତି। ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା କିମ୍ବା ବାର୍ଦ୍ଧକ୍ୟ ଭତ୍ତା ପାଇଁ ଧୋବା ଅନେକ ଥର ବ୍ଲକ ଏବଂ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ିଥିଲେ ମଧ ସୁଫଳ ମିଳିନି। ଧୋବା କେନ୍ଦରା ଧରି ବର୍ଷାରେ ଭିଜି ଭଞ୍ଜନଗର ସହରରେ ବୁଲୁଥିବା ବେଳେ ତାଙ୍କ ସହ କଥା ହେବାରୁ ସେ କହିଥିଲେ ଯେ, ତାଙ୍କର ନିଜର ବୋଲି ଜମି ବାଡ଼ି କିଛି ନାହିଁ। ପୁଅ ଯୁକ୍ତ୨ ପଢ଼ି ଘରେ ବେକାର ବସିଛି। ଭାଗ ଚାଷୀ ଭାବେ ଗ୍ରାମର କିଛି ଜମି ଚାଷ କରୁଥିଲି, ଚଳିତବର୍ଷ ବର୍ଷା ଠିକ୍ ଭାବେ ନ ହେବାରୁ ତାହା ମଧ ହୋଇପାରିଲା ନାହିଁ। ତେଣୁ ପରିବାର ଚଳାଇବା ପାଇଁ ବାଧ ହୋଇ କେନ୍ଦରା ଧରିବାକୁ ପଡୁଛି। ଭତ୍ତା ପାଇଁ ଅନେକ ଥର ପଞ୍ଚାୟତ ଓ ବ୍ଲକକୁ ଆବେଦନପତ୍ର ଧରି ଦୌଡ଼ିଛି। କିନ୍ତୁ ଭତ୍ତା ମିଳିନାହିଁ। ଭଙ୍ଗା କୁଡ଼ିଆ ଘରେ ରହୁଛି। ଘରଟିଏ ବି ମିଳନି ବୋଲି ଧୋବା କହିଥିଲେ।

## ଗୋପାଳ ସମାଜ କୋଠଘର ପାଇଁ ଭିତ୍ତିପ୍ରସ୍ତର

ବୁଗୁଡ଼ା,୧୫।୯(ଡି.ଏନ.ଏ.)

ବୁଗୁଡା ବ୍ଲକ ଗୌଡିଆବୋରଦା ପଞ୍ଚାୟତ ଅନ୍ତର୍ଗତ କାନସୁକା ଗ୍ରାମରେ ଗୋପାଳ ସମାଜ କୋଠଘର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ କୋଠଘର ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଜିଲା ପରିଷଦ ସଦସ୍ୟା ଭୁବନେଶ୍ୱରୀ ଖଟେଇ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବରୁଣ ସେନାପତି, ବ୍ଲକ ବିଜେଡି ସଭାପତି ଇ.ମଦନ ଗୋପାଳ ଦୋରା, କାହ୍ନୁ ଚରଣ ଭୂୟାଁ ଉପସ୍ଥିତ ଥିଲେ।

# ପଞ୍ଚାୟତ ସମିତି ବୈଠକ

କାଶୀନଗର,୧୫।୯(ଡି.ଏନ.ଏ.)

କାଶୀନଗର ବ୍ଲକ ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ଲକ୍ଷ୍ମୀ ପ୍ରସାଦ ସାହୁ, ବ୍ଲକ ଅଧକ୍ଷ ଚିତ୍ରି ସିମାଦ୍ରୀ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମହାରଣା ଓ ଡ. ନୋଏଲ୍ ମଞ୍ଚାସୀନ ଥିଲେ। ବ୍ଲକ ଅଧକ୍ଷ ଚିତ୍ରି ସିମାଦ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପ୍ରତ୍ୟେକ ବିଭାଗର ଉପରିସ୍ଥ ଅଧିକାରୀ ଏବଂ ୧୩ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ସୀତାପୁର ସମିତିସଭ୍ୟ ଦାରୁପୁ ରାଜେଶ କୁମାର ଅଭିଯୋଗ କରିଥିଲେ ଯେ, ପ୍ରତ୍ୟେକ ସମିତି ବୈଠକରେ ବ୍ଲକ୍ ଶିକ୍ଷା ଅଧିକାରୀ ଉପସ୍ଥିତ ନରହି ତଳିଆ କର୍ମଚାରୀମାନଙ୍କୁ କଣ ପାଇଁ ବୈଠକକୁ ପଠାଉଛନ୍ତି। ବିଇଓ ନିଜେ ଆସିବାକୁ ଡରୁଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ଏଥିସହ ସୀତାପୁର ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ନିମ୍ନମାନର ପୋଷାକ ବଣ୍ଟନ ହୋଇଥିବା ଅଭିଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ।

# ଭତ୍ତା ପାଇଁ ଅଣକାରିଗର, କଳାକାର ବ୍ୟାକୁଳ

- କୌଶଳକ୍ରମେ ହାତେଇ ନେଉଛନ୍ତି ରୋଜଗାର ପ୍ରମାଣପତ୍ର
- ପ୍ରକୃତ କଳାକାରଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ନବରଙ୍ଗପୁର,୧୫।୯(ବି.ପ୍ର.)

ମୁଖ୍ୟମନ୍ତ୍ରୀ କଳାକର ଭତ୍ତାକୁ ନେଇ କଳାକାରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରକୃତ କଳାକାର ବାଦ୍ ପଡ଼ିଯାଉଛନ୍ତି। ବିଭିନ୍ନ ଉପାୟ ତଥା କୌଶଳ କରି ଲୋକେ କଳାକାର ଭତ୍ତା ପାଉଛନ୍ତି। ସରକାରୀ ନିୟମକୁ ଅନ୍ଧାରରେ ରଖି କଳାକାର ଭତ୍ତା ପାଇବା ପାଇଁ ଆବେଦନ କରାଯାଉଛି। ଏଭଳିକି କଳାକାର ଭତ୍ତା କରାଇ ଦେବା ନାଁରେ ମଧ୍ୟ କେତେଜଣ ବ୍ୟକ୍ତି ବିଶେଷ ଅର୍ଥ ଉପାର୍ଜନ କରିବାରେ ଲାଗିଛନ୍ତି। ଏହାର ପ୍ରକୃତ ଯାଞ୍ଚ କରାଯାଇ ଯୋଗ୍ୟ କଳାକାରଙ୍କୁ ଭତ୍ତା ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି।

ନବରଙ୍ଗପୁର ଜିଲାରେ ଏଯାଏ ୧୩୦ଜଣଙ୍କୁ କଳାକାର ଭତ୍ତା (ମାସିକ ୧୨ଶହ ଟଙ୍କା) ମିଳୁଛି। ଏବେ ପୁଣି ଆବେଦନ ଗ୍ରହଣ କରାଯାଉଛି। ନବରଙ୍ଗପୁର ସହରର ଲାଖ ଶିଳ୍ପୀ (କଳାକାର)ମାନେ ଏଥିରୁ କିନ୍ତୁ ବାଦ୍ ପଡ଼ିଛନ୍ତି। ଲାଖ କାମ ମହିଳାମାନେ କରିଥାନ୍ତି। କିନ୍ତୁ ପୁରୁଷମାନେ କଳାକାର ବୋଲି ଆବେଦନ କରୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଖ କାର୍ଯ୍ୟ ପାଇଁ ମହିଳାମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ସେମାନେ ପ୍ରକୃତରେ ଭତ୍ତା ପାଇବାକୁ ଯୋଗ୍ୟ। ରାଜାରାଜୁଡ଼ା କାଳରୁ ପ୍ରାୟ ୩ଶହ ବର୍ଷ ହେବ ପାରମ୍ପରିକଭାବେ ମହିଳାମାନେ କୌଳିକ ବୃତ୍ତିକୁ ଆପଣେଇ ନବରଙ୍ଗପୁର ଶଙ୍ଖାରିସାହିରେ ଲାଖ କାର୍ଯ୍ୟ କରି ଆସୁଛନ୍ତି। ଯେଉଁ କଳାକାରମାନେ ନିଜର କୌଳିକ ବୃତ୍ତିକୁ ଆପଣେଇ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରି ଆସୁଛନ୍ତି ସେମାନଙ୍କୁ କଳାକାର ଭତ୍ତା ମିଳିପାରୁ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାରିଗରମାନଙ୍କୁ ଜିଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ କରାଯାଇ କରାଯାଉଛି। ତାଲିମ ପାଇବା ପରେ କେତେଜଣ ହାତଗଣତି କଳାକାର କାର୍ଯ୍ୟ କରୁଛନ୍ତି। କିନ୍ତୁ କାମ କରୁ ନ ଥିବା କଳାକାରମାନେ ଆବେଦନ କରି ଭତ୍ତା ଆପଣାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ତାଲିମ ପ୍ରମାଣପତ୍ର, କାରିଗରି ପ୍ରମାଣପତ୍ର, ରାଜ୍ୟ ଓ ଜାତୀୟ ହସ୍ତଶିଳ୍ପ ପୁରସ୍କାର ପାଇଥିବା ବ୍ୟକ୍ତିବିଶେଷଭାବେ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ପାଇ ପାରିବେ ବୋଲି ନିୟମ ରହିଛି। ଲାଖ କାରିଗରଙ୍କ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ସେହିଭଳି ସରକାରଙ୍କ ପକ୍ଷରୁ ଅନ୍ୟ କିଛି ଭତ୍ତା, ସରକାରୀ ପେନ୍‌ସନଭୋକ୍ତା ଏହି କଳାକାର ଭତ୍ତା ପାଇବେ ନାହିଁ। ଅନ୍ୟପକ୍ଷେ ଗ୍ରାମାଞ୍ଚଳରେ ରହୁଥିବା କଳାକାରଙ୍କ ବାର୍ଷିକ ୫୦ ଓ ସହରାଞ୍ଚଳରେ ରହୁଥିବା କଳାକାରଙ୍କ ୬୦ ହଜାର ଟଙ୍କା ରୋଜଗାର ପ୍ରମାଣପତ୍ର ଆବଶ୍ୟକ। ବିଭିନ୍ନ ଉପାୟରେ କିନ୍ତୁ କେତେଜଣ ୧୦ ହଜାରରୁ ଟଙ୍କାରୁ ଉର୍ଦ୍ଧ୍ୱ ସରକାରୀ ପେନ୍‌ସନ ପାଉଥିବା ବେଳେ ବାର୍ଷିକ ୪୦ହଜାର ଟଙ୍କା ରୋଜଗାର ଥିବା ପ୍ରମାଣପତ୍ର ହାସଲକରି ଆବେଦନ କରୁଛନ୍ତି। ତହସିଲ, ଜିଲା ସଂସ୍କୃତି ଓ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ସାପେକ୍ଷ ବୋଲି ଦାବି ହେଉଛି। ଏନେଇ ଜିଲା ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ଜିଲାରେ ୧୩୦ ଜଣ କଳାକାର ଭତ୍ତା ପାଉଛନ୍ତି। ଯେଉଁମାନେ କୌଣସି ସରକାରୀ ଭତ୍ତା ପାଉଛନ୍ତି ତେବେ ସେମାନେ କଳାକାର ଭତ୍ତା ପାଇଁ ଯୋଗ୍ୟ ବିବେଚିତ ହୋଇ ପାରିବେ ନାହିଁ। ଯେଉଁ ମାନେ କଳାକାର ସେମାନେ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟର ବିବରଣୀ ସହ ପରିଚୟପତ୍ର ଓ ରୋଜଗାର ପ୍ରମାଣପତ୍ର ଦେଇ ଭତ୍ତା ପାଇଁ ଆବେଦନ କରିବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଯୋଜନାରୁ ପେନ୍‌ସନ ପାଉଛନ୍ତି କି ନାହିଁ ତାହା ମଧ୍ୟ ଉଲ୍ଲେଖ କରିବାକୁ ବାଧ ବୋଲି କହିଛନ୍ତି।

